# ଜାତୀୟ ଖାଦ୍ୟ ନିରାପତ୍ତା ଆଇନ

**-ଏକ ପ୍ରବେଶିକା**

**ପେଟପୂରା ଭୋଜନ, ପୁଷ୍ଟିର ଅଧିକାର !**
**କ୍ଷୁଧାରୁ ମୁକ୍ତି ଓ ଜମିର ପୁନରୁଦ୍ଧାର !!**
**ଏସବୁ ଖାଦ୍ୟ ନିରାପତ୍ତା ଆଇନର ଆଧାର !!!**

**ଅଗଷ୍ଟ ୨୦୧୦**

ପ୍ରକାଶକ :
**ଖାଦ୍ୟ ଅଧିକାର ଅଭିଯାନ ସଚିବାଳୟ, ନୂଆଦିଲ୍ଲୀ**

ଓଡ଼ିଆ ଭାଷାନ୍ତର :
**ନାରାୟଣ ଜେନା**
ଫୋନ. ୯୪୩୮୫୬୯୧୪୭

ପ୍ରଥମ ପ୍ରକାଶନ: ଅଗଷ୍ଟ ୨୦୧୦ (କେବଳ ଘରୋଇ ପ୍ରସାର ନିମନ୍ତେ)

ପ୍ରକାଶିତ ସଂଖ୍ୟା: ୨,୦୦୦ (ଦୁଇ ହଜାର)

ସହାୟତା ରାଶି: ଟ. ୧୫.୦୦ (୧୫ ଟଙ୍କା ମାତ୍ର)

ପ୍ରିଣ୍ଟର: କ୍ୟାପିଟାଲ ପ୍ରିଣ୍ଟରର୍ସ, ନୂଆଦିଲ୍ଲୀ

**ଅନ୍ୟାନ୍ୟ ପ୍ରବେଶିକା**

ମଧ୍ୟାହ୍ନ ଭୋଜନ: ଏକ ପ୍ରବେଶିକା

୬ବର୍ଷ ବୟସରୁ କମ୍ ଶିଶୁଙ୍କ ଉପରେ ଗୁରୁତ୍ୱ

ଅଙ୍ଗନୱାଡ଼ି ସମସ୍ତଙ୍କ ପାଇଁ: ଏକ ପ୍ରବେଶିକା

ଖାଦ୍ୟ ଅଧିକାର ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ : କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସାଧନ

ନିଶ୍ଚିତ କର୍ମନିଯୁକ୍ତି ଆଇନ: ଏକ ପ୍ରବେଶିକା

# ମୁଖବନ୍ଧ

ଏହି ପ୍ରବେଶିକାଟି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ-୨ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ "ଜାତୀୟ ଖାଦ୍ୟ ନିରାପତ୍ତା ଆଇନ" ପରିପ୍ରେକ୍ଷୀରେ "ଖାଦ୍ୟ ଅଧିକାର ଅଭିଯାନ" ନୂଆଦିଲ୍ଲୀଙ୍କ ଦ୍ୱାରା ଉପସ୍ଥାପିତ ସର୍ବନିମ୍ନ ଦାବିଗୁଡ଼ିକ ସମ୍ବନ୍ଧରେ ପରିଚୟ କରାଉଛି।

"ଜାତୀୟ ଖାଦ୍ୟ ନିରାପତ୍ତା ଆଇନ" ଜରିଆରେ ଦେଶର ସାଧାରଣ ନାଗରିକଙ୍କୁ ଦିଆଯାଇଥିବା ଆଇନଗତ ମାନ୍ୟତାକୁ ସଂକ୍ଷିପ୍ତ ଓ ସରଳ ଭାବେ ଏହି ପ୍ରବେଶିକାଟିରେ ଉପସ୍ଥାପିତ କରାଯାଇଛି। ସବୁ ଯୋଜନାଗୁଡ଼ିକ ପାଇଁ ସାର୍ବଜନୀନ ହକ୍ ନିମନ୍ତେ ଦେଶ ନିକଟରେ ପାଣ୍ଠି ଓ ଶସ୍ୟ ଭଣ୍ଡାରର ଉପଲବ୍ଧତା ସମ୍ବନ୍ଧରେ ଯୁକ୍ତି ଓ ପ୍ରମାଣ ଦିଆଯାଇଛି। କିପରି ସକାରାତ୍ମକ ପ୍ରୟାସ ଦ୍ୱାରା ସାର୍ବଜନୀନ ବ୍ୟବସ୍ଥାକୁ ସମନ୍ୱିତ କରାଯାଇ ପାରିବ ତାହା ମଧ୍ୟ ଏହି ପ୍ରବେଶିକାଟିରେ ଦର୍ଶାଯାଇଛି।

ଖାଦ୍ୟଶସ୍ୟ ଓ ଡ଼ାଲି ଜାତୀୟ ଶସ୍ୟର ଉତ୍ପାଦନକୁ ବୃଦ୍ଧି କରିବା ପାଇଁ କୃଷିକୁ ପ୍ରୋତ୍ସାହିତ ଓ ପୁନର୍ଜୀବିତ କରାଯିବା ଉଚିତ। ଯଥେଷ୍ଟ ଖାଦ୍ୟ ଉପଲବ୍ଧତା ଉପରେ ଆଲୋଚନା କରିବା ସମୟରେ ଖାଦ୍ୟର ସାର୍ବଭୌମତା ସିଦ୍ଧାନ୍ତକୁ ମଧ୍ୟ ଉପସ୍ଥାପିତ କରାଯାଇଛି। ସ୍ଥାନୀୟ ସ୍ତରରେ ଖାଦ୍ୟଶସ୍ୟ ସଂଗ୍ରହ ଓ ଗଚ୍ଛିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଶେଷରେ, ଦେଶରେ ଥିବା ନିଃସହାୟ ବ୍ୟକ୍ତି, ଶିଶୁ, ବୟୋବୃଦ୍ଧ ଏବଂ ଅନ୍ୟ ସମସ୍ତ ଅଧିବାସୀଙ୍କ ଆବଶ୍ୟକତା ଅନୁଯାୟୀ ଖାଦ୍ୟଶସ୍ୟ ଏବଂ ପୁଷ୍ଟି ନିରାପତ୍ତା ପାଇଁ ସବୁ ସମୟରେ ସଠିକ୍ ଢ଼ଙ୍ଗରେ ଖାଦ୍ୟଶସ୍ୟ ବଣ୍ଟନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି।

ଭାରତରେ କିପରି କ୍ଷୁଧା ଓ କୁ-ପୋଷଣ ଦୂର ହୋଇପାରିବ, କିପରି ସମସ୍ତଙ୍କୁ ପର୍ଯ୍ୟାପ୍ତ ଓ ପୌଷ୍ଟିକ ଖାଦ୍ୟ ମିଳିପାରିବ, ସାଧାରଣ ନାଗରିକ କ୍ଷୁଧାରୁ ମୁକ୍ତି ପାଇପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଯାଇଛି।

ଅନୁରାଧା ତଲୱାର ଓ ମାଧୁରୀ କ୍ରିଷ୍ଣାମୂର୍ତ୍ତୀଙ୍କ ବୟାନକୁ ଆମେ ଏଠାରେ ଉଦ୍ଧାର କରିଛୁ। ସେପ୍ଟେମ୍ବର ୧୨, ୨୦୦୯ରେ ପ୍ରକାଶିତ "ଖାଦ୍ୟ ଅଧିକାର ବିଲ୍ ୨୦୦୯" ଚିଠା ପ୍ରସ୍ତାବ ସହ ସାମିଲ କରାଯାଇ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକାରୀ ଚିଠା ପ୍ରସ୍ତାବ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ନିବେଶ ପାଇ ପ୍ରସ୍ତୁତ ହୋଇଛି। ସେମାନେ ଅଭିଜିତ୍ ସେନ୍, ଅଭୟ ଶୁକ୍ଳା, ଅନୁରାଧା ତଲୱାର, ଅରୁନ୍ଧତୀ ଧ୍ରୁରୁ, ଆଶା ମିଶ୍ର, ଅରୁଣ ଗୁପ୍ତା, ଅକ୍ଷିଲ ଶିବଦାସ, ଅଞ୍ଜଳୀ ଗୋପାଳନ, ଅଞ୍ଜଳୀ ଭରଦ୍ୱାଜ, ଅଶୋକ ଖଣ୍ଡେଲୱାଲ, ଅଶୋକ ଭାରତୀ, ଆନି ରାଜା, ବିରାଜ ପଟ୍ଟନାୟକ, କୋଲିନ୍ ଗାନସାଲଭେସ୍, ଡୁନୁ ରଏ, ଦୀପା ସିହ୍ନା, ଦେବିକା ଜୟଶ୍ରୀ ଭାଲେଙ୍କର, ଜିନ୍ ଦ୍ରେଜ୍, କବିତା ଶ୍ରୀବାସ୍ତବ, କବିତା କୁରୁଗାଣ୍ଟି, କିରନ ଭଟ୍ଟି, ମାଧୁରୀ କ୍ରିଷ୍ଣାସ୍ୱାମୀ, କେ.ଏସ୍. ଗୋପାଳ, ମାନସ ରଂଜନ, ମିରା ଶିବା, ମୋହନ ରାଓ, ନିଖିଲ ଦେ, ଏନ୍.ସି. ସକ୍ସେନା, ପାଲ ଦ୍ୱିବାକର, ରାଧା ହୋଲା, ରୀତିକା ଖେରା, ରାଜେଶ କ୍ରିଷ୍ଣନ, ସଚିନ୍ ଜୈନ୍, ସେଜଲ ଦଣ୍ଡ, ସୁନିଲ କାଉଲ, ସିରାଜ ବାଲସରା, ଶାଲିନୀ ଭୂଟାନୀ, ସୁରେସ ସାୱାନ୍ତ, ସେଫାଳୀ ଶର୍ମା, ଉଲ୍କା ମହାଜନ, ବନ୍ଦନା ପ୍ରସାଦ, ଭି. ସନ୍ତେସ୍, ଭି. ସୁରେସ୍ ଏବଂ ଆହୁରି ଅନେକ ଯେଉଁମାନେ କ୍ରିୟାଶୀଳ ଭାବେ ଆଲୋଚନାରେ ଭାଗ ନେଇ ସେମାନଙ୍କର ମତାମତ, ଟିପ୍ପଣୀ ଓ ସମାଲୋଚନାତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି।

ଏହି ପ୍ରବେଶିକାଟି କ୍ରମଶଃ ବିକଶିତ ହେବାରେ ଲାଗିଛି, ଆମେ ଆପଣମାନଙ୍କର ମତାମତକୁ ସ୍ୱାଗତ କରୁଛୁ।

ସଚିବାଳୟ, ଖାଦ୍ୟ ଅଧିକାର ଅଭିଯାନ

ତାରିଖ ୧ ଅଗଷ୍ଟ, ୨୦୧୦

# ଖାଦ୍ୟ ନିରାପତ୍ତା :

# ସରକାର କ'ଣ କହୁଛନ୍ତି ଓ ଆମେ କ'ଣ ଚାହୁଁଛୁ

**ପୁଷ୍ଟି ନିରାପତ୍ତା - ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ**

- ଭାରତୀୟ ସମ୍ବିଧାନ ଧାରା ୨୧, ଜଣେ ବ୍ୟକ୍ତିର ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଭଳି ମୌଳିକ ଅଧିକାରକୁ ନିଶ୍ଚିତ କରୁଛି । ଧାରା ୨୧ ଅଧିନରେ ଥିବା ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର - ଖାଦ୍ୟ ଅଧିକାରକୁ ମଧ ସାମିଲ କରୁଛି;
- ଭାରତୀୟ ସମ୍ବିଧାନ ଧାରା ୪୭, ପୌଷ୍ଟିକତାର ସ୍ତରରେ ଏବଂ ଏହାର ଲୋକମାନଙ୍କର ଜୀବନଧାରଣମାନର ଉନ୍ନତି କରିବା ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ରାଷ୍ଟ୍ର ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ବୋଲି ବିବେଚନା କରିବେ;
- ମାନବ ଅଧିକାରର ସାର୍ବଜନୀନ ଘୋଷଣାନାମା (୧୯୪୯) ଧାରା ୨୫, ପ୍ରତ୍ୟେକଙ୍କୁ ଯଥେଷ୍ଟ ଖାଦ୍ୟ ଉପଲବ୍ଧ ହେବା ଅଧିକାରକୁ ସ୍ୱୀକୃତି ପ୍ରଦାନ କରୁଛି;
- ଆନ୍ତର୍ଜାତୀୟ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ (୧୯୬୬) ସନନ୍ଦ ବା ଘୋଷଣାନାମାର ଧାରା ୧୧ ଏବଂ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ କମିଟିର ସାଧାରଣ ଟିପ୍ପଣୀ ୧୨ରେ ସମସ୍ତ ସରକାରଙ୍କର ଦାୟିତ୍ୱକୁ ବିସ୍ତୃତଭାବେ ଉଲ୍ଲେଖ କରାଯାଇଛି ଯେ "କ୍ଷୁଧା ଓ ପୁଷ୍ଟିହୀନତାରୁ ମୁକ୍ତି ପାଇବା ପାଇଁ ପ୍ରତ୍ୟେକ ପୁରୁଷ, ମହିଳା ଓ ଶିଶୁର ଅବିଚ୍ଛେଦ୍ୟ ଅଧିକାର ରହିଛି";
- ଉପରୋକ୍ତ ଅଧିକାର ବିଶେଷତଃ ମହିଳା ଓ ଶିଶୁଙ୍କ ପରିପ୍ରେକ୍ଷୀରେ ଏହା ଶିଶୁ ଅଧିକାର କନ୍‌ଭେନ୍‌ସନ (ଧାରା ୨୭.୧ ଓ ୨୭.୩) ଏବଂ ମହିଳାଙ୍କ ବିରୋଧରେ ସମସ୍ତ ପ୍ରକାର ଭେଦଭାବର ନିରାକରଣ ଶୀର୍ଷକ କନ୍‌ଭେନ୍‌ସନ (ଧାରା ୧୨) ରୁ ଆସିଛି;
- ମାନବ ଅଧିକାରର ସାର୍ବଜନୀନ ଘୋଷଣାନାମା, ଆନ୍ତର୍ଜାତୀୟ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଘୋଷଣାନାମା ଏବଂ ଶିଶୁ ଅଧିକାର କନ୍‌ଭେନ୍‌ସନ୍‌ରେ ଭାରତ ଏକ ସ୍ୱାକ୍ଷରକାରୀ ଦେଶ;

**ପୁଷ୍ଟି ନିରାପତ୍ତାର ଅର୍ଥ:**

• ଯଥେଷ୍ଟ ପରିମାଣର ଶ୍ୱେତସାର, ଖାଦ୍ୟସାର, ଚର୍ବିଯୁକ୍ତ, ପୌଷ୍ଟିକ ଅଣୁ ଥିବା ବିଭିନ୍ନ ଖାଦ୍ୟପଦାର୍ଥ ଯଥା ଖାଦ୍ୟଶସ୍ୟ, ଡ଼ାଲି, ତେଲ, ମାଂସ, କ୍ଷୀର, ଅଣ୍ଡା, ସବୁଜ ପନିପରିବା ଓ ଫଳମୂଳ ଜଣେ ବ୍ୟକ୍ତିର ଜୀବନ ଚକ୍ରର ଆବଶ୍ୟକତା ଅନୁସାରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେବା ସଙ୍ଗେ ସଙ୍ଗେ ସେ ତାହା ପାଇପାରୁଥିବା ଜରୁରି ।

• ନିରାପଦ ପାନୀୟ ଜଳ ସର୍ବସାଧାରଣରେ ଉପଲବ୍ଧ ହେବା ।

**ଖାଦ୍ୟ ନିରାପତ୍ତା ଓ ସରକାରଙ୍କ ଚିନ୍ତାଧାରା :**

ଖାଦ୍ୟ ନିରାପତ୍ତାକୁ ନେଇ ସରକାରଙ୍କର ଚିନ୍ତାଧାରା ଖୁବ୍ ସୀମିତ, ଯାହାକି କ୍ଷୁଧାକୁ ଉପହାସ କରୁଛି । ଭୋକରେ ରହୁଥିବା ଲୋକମାନଙ୍କ ଭିତରୁ ଅଳ୍ପଭାଗ ଲୋକଙ୍କୁ ସ୍ୱଳ୍ପ ପରିମାଣର ଗହମ ଓ ଚାଉଳ ବ୍ୟବସ୍ଥା କରିବା ହିଁ ଦେଶ ପାଇଁ ଖାଦ୍ୟ ନିରାପତ୍ତା ବୋଲି ସରକାର ବିବେଚନା କରୁଛନ୍ତି ।

**ଆମେ ଆଇନଗତ ନିର୍ଭରୋକ୍ତି (ଗାରେଣ୍ଟି) ଚାହୁଁ:**

କୌଣସି ପୁରୁଷ, ମହିଳା କିମ୍ବା ଶିଶୁ ଯେପରି ଅପପୁଷ୍ଟିର ଶିକାର କିମ୍ବା ଭୋକିଲା ନ ରୁହନ୍ତି, ଏହାକୁ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଲୋକମାନେ ଅପପୁଷ୍ଟି ଓ ଅନାହାରର ଶିକାର ହେଲେ ସରକାର ଉତ୍ତରଦାୟୀ ରହିବେ ।

**ଦେଶରେ କେତେ ମାତ୍ରାରେ କ୍ଷୁଧା ଓ ଖାଦ୍ୟ ଅସୁରକ୍ଷା ରହିଛି :**

ପ୍ରାୟ ୮୦% ଭାରତୀୟ ଆବଶ୍ୟକ ମୁତାବକ ପରିମାଣର ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ । ଏକ ସୁପର ପାୱାର ଶକ୍ତି ଭାବେ ଆର୍ବିଭାବ ହେବାର ଦାବି ସତ୍ତ୍ୱେ, ବିଶ୍ୱ କ୍ଷୁଧା ସୂଚୀରେ ଥିବା ୧୧୯ଟି ରାଷ୍ଟ୍ର ଭିତରୁ ଭାରତର ସ୍ଥାନ ହେଉଛି ୯୪ତମ । ୪୩% ଶିଶୁ

ଏବଂ ୪୦% ମହିଳା ଅପପୁଷ୍ଟିର ଶିକାର। ୫୦% ଶିଶୁମୃତ୍ୟୁ କେବଳ ଅପପୁଷ୍ଟି ଯୋଗୁଁ ହେଉଛି। ପ୍ରତ୍ୟେକ ତିନିଜଣରୁ ଜଣେ ଭାରତୀୟ ନିଜ ବୟସ ଅନୁସାରେ କମ୍ ଓଜନ (ବି.ଏମ୍.ଆଇ. ୧୮.୫%ରୁ କମ୍) ବିଶିଷ୍ଟ। ଅସଂଗଠିତ କ୍ଷେତ୍ର ପାଇଁ ଗଠିତ ଜାତୀୟ ଆୟୋଗ (ଅର୍ଜ୍ଜୁନ ସେନଗୁପ୍ତ ରିପୋର୍ଟ) ଅନୁସାରେ ୭୭% ଭାରତୀୟ ଦିନକୁ ୨୦ଟଙ୍କାରୁ କମ୍ ଖର୍ଚ୍ଚରେ ଜୀବନ ଧାରଣ କରନ୍ତି (୨୦୦୪)।

**ବହୁମାତ୍ରାରେ କ୍ଷୁଧା କାହିଁକି ଅଛି:**

ଖାଦ୍ୟ ଦର ହୁ ହୁ ହୋଇ ବଢୁଛି, ତଦନୁସାରେ ମଜୁରି ଦର ବଢୁନାହିଁ। ଏହା କେବଳ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ହିଁ ଘଟୁଛି ଓ ଏହା ଆଗାମୀ ଦିନରେ ଜାରି ରହିବାର ସମ୍ଭାବନା ମଧ୍ୟ ରହିଛି।

ଯେତେବେଳେ ମୋଟ ଜନସଂଖ୍ୟାର ୫୨% ଲୋକ ପ୍ରତ୍ୟକ୍ଷଭାବେ ଏବଂ ୬୫% ଲୋକ ପରୋକ୍ଷଭାବେ କୃଷି ଉପରେ ନିର୍ଭରଶୀଳ, ସେତେବେଳେ ମୋଟ ଘରୋଇ ଉତ୍ପାଦନରେ କୃଷିର ଭାଗ (ଦେଶର ମୋଟ ଆୟ) ୧୫%କୁ ଖସି ଆସିଛି। ଅନ୍ୟପକ୍ଷରେ, କର୍ପୋରେଟ୍ ସେକ୍ଟର ଯାହାକି ମୋଟ ଜନସଂଖ୍ୟାର ୧%ରୁ କମ୍, ମୋଟ ଘରୋଇ ଉତ୍ପାଦନର ୩୩% ଆୟ କରୁଛି। ଠିକ୍‌ସେହିଭଳି ବିଭିନ୍ନ ସେବା କ୍ଷେତ୍ରରେ ଚାକିରି କରୁଥିବା ଲୋକମାନେ ଯାହାକି ମୋଟ ଜନସଂଖ୍ୟାର ୯%, ସେମାନେ ମୋଟ ଘରୋଇ ଉତ୍ପାଦନର ୫୫% ରୁ ଅଧିକ ଆୟ କରୁଛନ୍ତି। ତେଣୁ ଶିଳ୍ପ ଓ ସେବା କ୍ଷେତ୍ରକୁ ରିହାତି ଦେବା ପାଇଁ କୃଷି କ୍ଷେତ୍ରକୁ ଶୋଷଣ ଓ ଅଣଦେଖା କରାଯାଉଛି। ଶିଳ୍ପ, ବାଣିଜ୍ୟ ଓ ସେବା କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ପାଉଥିବା ବେଳେ କୃଷି କାର୍ଯ୍ୟ ଓ କୃଷିଜାତ ଦ୍ରବ୍ୟର ମୂଲ୍ୟ ଜାଣିଶୁଣି ହ୍ରାସ କରାଯାଉଛି।

ସବୁଜ ବିପ୍ଳବ ଶୁଷ୍କ ଭୂମିରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ କିସମ ଯଥା ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ, ଡ଼ାଲି ଜାତୀୟ ଶସ୍ୟ ଏବଂ ତୈଳବୀଜଗୁଡ଼ିକର ଉତ୍ପାଦନକୁ ଗୁରୁତ୍ୱ ନଦେଇ କେବଳ ବ୍ୟୟସାପେକ୍ଷ ଜଳସେଚିତ ବିଭିନ୍ନ କିସମର ଧାନ ଓ ଗହମ ଉତ୍ପାଦନକୁ ପ୍ରୋତ୍ସାହିତ କରିଛି। ଏହା କେବଳ ଅଳ୍ପ କେତେକ ଅଞ୍ଚଳକୁ ଧାନରେ ରଖିଥିଲାବେଳେ, ଦେଶର ଅଧିକାଂଶ ଅଞ୍ଚଳ ଯଥା ଶୁଷ୍କ ଭୂମି ଅଞ୍ଚଳଗୁଡ଼ିକୁ ଅଣଦେଖା କରିଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏ ଧରଣର କୃଷି ବ୍ୟୟସାପେକ୍ଷ ବିହନ, ସାର ଓ ଔଷଧ ଉପରେ ନିର୍ଭରଶୀଳ। କୃଷକମାନଙ୍କୁ ଋଣଯନ୍ତା ଭିତରକୁ ଠେଲି ଦେଇ ସେମାନଙ୍କୁ କୃଷିବ୍ୟବସାୟୀ କମ୍ପାନୀଗୁଡ଼ିକ ଉପରେ ନିର୍ଭରଶୀଳ କରାଇଛି। ଏହିସବୁ କମ୍ପାନୀଗୁଡ଼ିକ ପ୍ରଚୁର ଲାଭ କରୁଥିଲାବେଳେ, କୃଷକମାନେ ଭୋକରେ ରହୁଛନ୍ତି। କୃଷିର ଏପ୍ରକାର ଶିଳ୍ପାୟନ ଯୋଗୁଁ ମୃତ୍ତିକାର ଅଣୁତତ୍ତ୍ୱ ନଷ୍ଟ ହୋଇଛି, ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇଛି ବା କମିଛି, ଯାନ୍ତ୍ରିକ କୃଷି ଗ୍ରାମାଞ୍ଚଳର ଜୀବିକାକୁ ଧ୍ୱଂସ କରିଛି।

ଏହିସବୁ ଭୁଲରୁ ଶିକ୍ଷା କରିବା ପରିବର୍ତ୍ତେ, ବର୍ତ୍ତମାନ ସରକାର ଦ୍ୱିତୀୟ ସବୁଜ ବିପ୍ଳବ ଚାହୁଁଛନ୍ତି। ଏହା କୃଷିବ୍ୟବସାୟୀ କମ୍ପାନୀଗୁଡ଼ିକ ଉପରେ ପୁଣି କୃଷକମାନଙ୍କୁ ଅଧିକ ନିର୍ଭରଶୀଳ କରାଇବ। ଅତୀତର ଭୁଲ "ସବୁଜ ବିପ୍ଳବ" କୃଷି ଯୋଗୁଁ ହରିଆନା ଓ ପଞ୍ଜାବ ଭଳି ରାଜ୍ୟରେ ଆଜି କୃଷି ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବାବେଳେ, ଆମର ସରକାର ବର୍ତ୍ତମାନ ପୂର୍ବ ଭାରତରେ ଏଭଳି ବିଧ୍ୱଂସି କୃଷି ଆରମ୍ଭ କରିବାକୁ ଚାହୁଁଛନ୍ତି। ଦୀର୍ଘସ୍ଥାୟୀ ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ, ସରକାର ବିପଦପୂର୍ଣ୍ଣ ଜ୍ଞାନକୌଶଳ ଉପରେ ପର୍ଯ୍ୟବେଶିତ ଗୁଣ ନିୟନ୍ତ୍ରକ ଆନୁବଂଶିକ (ଜି.ଏମ୍) ବିହନକୁ ନେଇ କୃଷି କରିବାକୁ ଚାହୁଁଛନ୍ତି। ଖାଦ୍ୟଶସ୍ୟ ଉତ୍ପାଦନ ପ୍ରଭାବିତ ହେବାଭଳି ସମସ୍ୟାକୁ ବିଚାରକୁ ନ ନେଇ ସରକାରଙ୍କ ଦ୍ୱାରା ଶିଳ୍ପର ବ୍ୟବହାର ପାଇଁ ଅର୍ଥକାରୀ ଫସଲ - ତୁଳା, ଆଖୁ, ଫୁଲ ଚାଷ ଇତ୍ୟାଦିକୁ ପ୍ରୋତ୍ସାହିତ କରାଯାଉଛି।

ବେକାରି ଓ ନିଯୁକ୍ତିର ଅସୁରକ୍ଷା ବଢ଼ିବାରେ ଲାଗିଛି। ଅଧିକାଂଶ ଶ୍ରମିକ ଅସଙ୍ଗଠିତ କ୍ଷେତ୍ରରେ ଏବଂ ଅନିୟମିତତା ଓ କମ୍ ମଜୁରିରେ କାମ କରୁଛନ୍ତି ଓ ଅତ୍ୟନ୍ତ ଦୁସ୍ଥ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି।

**ଆମେ ବିଶ୍ୱାସ କରୁ**

- ମୌଳିକ ସେବା ଯଥା ଖାଦ୍ୟ, ଶିକ୍ଷା, କାମ ଏବଂ ସାମାଜିକ ନିରାପତ୍ତା ସମସ୍ତଙ୍କ ପାଇଁ ସାର୍ବଜନୀନ ଭାବେ ଉପଲବ୍ଧ ହେବ;
- ଦେଶର ସମସ୍ତ ସ୍ଥାୟୀ ବାସିନ୍ଦା ନିର୍ଣ୍ଣିତ ରୂପେ ସରକାରୀ ଯୋଜନାଗୁଡ଼ିକରେ ଅନ୍ତର୍ଭୁକ୍ତ ହେବେ;

- ଯେତେବେଳେ ସାର୍ବଜନୀନ ସେବା ପାଇଁ ଯୁକ୍ତି କରାଯାଉଛି, ସେତେବେଳେ ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗଙ୍କ ପାଇଁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ;

**ବର୍ତ୍ତମାନର ସରକାରଙ୍କ ଦୃଷ୍ଟିଭଙ୍ଗୀ : କେବଳ ଅଳ୍ପ ସଂଖ୍ୟକ ଲୋକ ଲାଭ ପାଇବେ**

- ଯୋଜନା ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ଦାରିଦ୍ର୍ୟ ଆକଳନ ଆଧାରରେ "କ୍ଷମତାପ୍ରାପ୍ତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ"ଙ୍କ ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାର ସଂଖ୍ୟା ସ୍ଥିର କରାଯାଇଛି । ବର୍ତ୍ତମାନ ଯୋଜନା ଆୟୋଗ ତେନ୍ଦୁଲକର କମିଟି ରିପୋର୍ଟ ଗ୍ରହଣ କରିଥିବାରୁ ସେହି ଆଧାରରେ ଦେଶର ଦାରିଦ୍ର୍ୟ ସଂଖ୍ୟା ୩୭.୨% ସ୍ଥିର ହୋଇଛି;
- ଏହିପରି ଭାବେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ କାର୍ଯ୍ୟକାରୀ ହେଲେ ଏହା କେବଳ ମାତ୍ର ୩୭.୨% ଲୋକଙ୍କୁ ଶସ୍ତାରେ ଖାଦ୍ୟ ପ୍ରଦାନ କରିବ;

**ତେନ୍ଦୁଲକର କମିଟିଙ୍କ ଦାରିଦ୍ର୍ୟ ଆକଳନ ପୁଣି ବଂଚିତ ବର୍ଗ ସୃଷ୍ଟି କରିବ**

- ତେନ୍ଦୁଲକର କମିଟି ଦ୍ୱାରା ସ୍ଥିର କରାଯାଇଥିବା ଦାରିଦ୍ର୍ୟ ସୀମାରେଖା ଅନୁସାରେ ସହରାଞ୍ଚଳରେ ଜଣେ ବ୍ୟକ୍ତିର ଦୈନିକ ହାରାହାରି କ୍ୟାଲୋରୀ ଉପଯୋଗ ୧୭୭୬ ଏବଂ ଗ୍ରାମାଞ୍ଚଳରେ ୧୯୯୯ କ୍ୟାଲୋରୀ;
- ଏହା ଆଇ.ସି.ଏମ୍.ଆର୍. ମାନକ ଠାରୁ କମ୍ । ଆଇ.ସି.ଏମ୍.ଆର୍. ମାନକ ଅନୁସାରେ ଭାରତରେ ଜଣେ ବ୍ୟକ୍ତିର ଦୈନିକ ହାରାହାରି ଉପଯୋଗ କ୍ୟାଲୋରୀ, ଗ୍ରାମାଞ୍ଚଳ ପାଇଁ ୨୪୦୦ କ୍ୟାଲୋରୀ ଓ ସହରାଞ୍ଚଳ ପାଇଁ ୨୧୦୦ କ୍ୟାଲୋରୀ;
- ତେଣୁ ତେନ୍ଦୁଲକର କମିଟି ଦ୍ୱାରା ସ୍ଥିର କରାଯାଇଥିବା ଦାରିଦ୍ର୍ୟ ସୀମାରେଖା ନିଶ୍ଚିତଭାବେ ଅନେକ ଭୋକିଲା ଲୋକଙ୍କୁ ବାଦ୍ ଦେବ ଓ ସେମାନଙ୍କୁ ଖାଦ୍ୟ ଯୋଜନାରୁ ବଞ୍ଚିତ କରିବ;

**ଦାରିଦ୍ର୍ୟ ସଂଖ୍ୟାକୁ ନେଇ ସମସ୍ୟା**

- ଯୋଜନା ଆୟୋଗ ଦ୍ୱାରା ସ୍ଥିର କରାଯାଇଥିବା ଦାରିଦ୍ର୍ୟ ସୀମାରେଖା ତଳସ୍ତରର ବାସ୍ତବତାକୁ ପ୍ରତିଫଳନ କରୁନାହିଁ;
- ରାଜ୍ୟ ସରକାରମାନଙ୍କୁ ବି.ପି.ଏଲ୍. ତାଲିକାରେ ଲୋକଙ୍କ ସଂଖ୍ୟା କମ୍ କରିବାକୁ ବାଧ କରାଯାଉଛି, ବି.ପି.ଏଲ୍. ତାଲିକା ପ୍ରସ୍ତୁତିରେ ସମସ୍ତ ପ୍ରକାର ଫେରବଦଳ ଓ ଦୁର୍ନୀତି ପାଇଁ କେନ୍ଦ୍ର ସରକାର ବାଟ ଛାଡ଼ିଛନ୍ତି;
- ଅନେକ ରାଜ୍ୟ ସରକାରଙ୍କୁ ଯୋଜନା ଆୟୋଗ ଦ୍ୱାରା ଜାରି କରାଯାଇଥିବା ବି.ପି.ଏଲ୍. ସୂଚୀ ବାହାରକୁ ଯିବାକୁ ପଡ଼ିବ;
- ସମସ୍ୟା ହେଉଛି ବି.ପି.ଏଲ୍. ତାଲିକାରେ ଲୋକମାନଙ୍କୁ କିପରି ସାମିଲ କରାଯିବ ଏବଂ କିପରି ବାଦ୍ ଦିଆଯିବ, ଏହାକୁ ନେଇ ଅନେକ ତ୍ରୁଟି ରହିଛି;
- ବି.ପି.ଏଲ୍. ଜନଗଣନା ଜରିଆରେ ଗରିବ ଚିହ୍ନଟ କରିବା ଅସମ୍ଭବ ମନେହେଉଛି;

**ବଞ୍ଚିତ ବର୍ଗଙ୍କୁ ସୁରକ୍ଷା**

ସାର୍ବଜନୀନ ନୀତି ଦ୍ୱାରା ଦଳିତ, ଆଦିବାସୀ ଓ ସାମାଜିକ ସୁଯୋଗରୁ ବଂଚିତ ଗୋଷ୍ଠୀଙ୍କୁ ସେମାନଙ୍କ ଖାଦ୍ୟ ଅଧିକାର ଉପଯୋଗ କରିବାକୁ ସୁଯୋଗ ଦିଆଯିବ । ଯେତେବେଳେ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ଆରମ୍ଭ ହେବ ସେତେବେଳେ ଏହି ଗୋଷ୍ଠୀ ହିଁ ବଞ୍ଚିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

**ଆମର ଦାବି**

**ଏକ ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥା**

**ଖାଦ୍ୟ ନିରାପତ୍ତା ନିଶ୍ଚିତ ଭାବରେ ପୁଷ୍ଟି ନିରାପତ୍ତା ହେଉ**

**ଖାଦ୍ୟ ନିରାପତ୍ତା ନିଶ୍ଚିତ ଭାବରେ ପୁଷ୍ଟି ନିରାପତ୍ତା ଓ ସ୍ୱାସ୍ଥ୍ୟର ସୁରକ୍ଷା କରୁ**

♦ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇ.ସି.ଏମ୍.ଆର୍.) ମାନକ ଅନୁସାରେ ଜଣେ ସାଧାରଣ ସକ୍ରିୟ ପୁରୁଷ ପାଇଁ ଦୈନିକ ୨୭୦୦ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟଶସ୍ୟ ଆବଶ୍ୟକ। ଏହି ହିସାବରେ ପ୍ରତ୍ୟେକ ପରିବାରକୁ ନିମ୍ନମତେ ଖାଦ୍ୟଶସ୍ୟ ମିଳିବା ଦରକାର:

- ମାସକୁ ଖାଦ୍ୟଶସ୍ୟ: ପ୍ରତି ବ୍ୟକ୍ତି ପିଛା ୧୪ କି.ଗ୍ରା (୫ଜଣ ସଦସ୍ୟ ବିଶିଷ୍ଟ ଗୋଟିଏ ପରିବାରକୁ ପ୍ରାୟ ୫୦ କି.ଗ୍ରା.);
- ମାସକୁ ତେଲ : ୮୦୦ ଗ୍ରାମ୍ (ପ୍ରତି ପରିବାର ପିଛା ପ୍ରାୟ ୨ କି.ଗ୍ରା. ୮୦୦ ଗ୍ରାମ୍);
- ମାସକୁ ଡ଼ାଲି : ୧ କି.ଗ୍ରା. ୫୦୦ ଗ୍ରାମ୍ (ପ୍ରତି ପରିବାର ପିଛା ପ୍ରାୟ ୫ କି.ଗ୍ରା. ୨୫୦ ଗ୍ରାମ୍);

♦ ଏଥିରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ସାମିଲ ହେବା ଜରୁରି। କାରଣ ଏପ୍ରକାର ଶସ୍ୟରେ ପୁଷ୍ଟିସାର ପ୍ରଚୁର ପରିମାଣରେ ରହିଥିବା ବେଳେ ଏହା ସ୍ୱାସ୍ଥ୍ୟପ୍ରଦ। ଆହୁରି ମଧ୍ୟ ଏହା ଶସ୍ତା ଓ ପାରମ୍ପରିକଭାବେ ସ୍ଥାନୀୟ ଲୋକମାନେ ଏହାକୁ ପସନ୍ଦ କରି ଆସୁଛନ୍ତି। ପାଞ୍ଚ ଜଣ ସଦସ୍ୟ ବିଶିଷ୍ଟ ଗୋଟିଏ ପରିବାର ପାଇଁ ମାସିକ ଆବଶ୍ୟକ: ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇ.ସି.ଏମ୍.ଆର୍) ମାନକ ଅନୁସାରେ:

| **ପରିବାର ସଦସ୍ୟ** | **ମାସିକ ଆବଶ୍ୟକ ଖାଦ୍ୟଶସ୍ୟ (କି.ଗ୍ରା.ରେ)** | **ମାସିକ ଆବଶ୍ୟକ ଡ଼ାଲି (କି.ଗ୍ରା.ରେ)** | **ଭାସିକ ଆବଶ୍ୟକ ତେଲ (ଗ୍ରାମ୍‌ରେ)** |
|---|---|---|---|
| ସାଧାରଣ କାମ କରୁଥିବା ପୁରୁଷ | ୧୪.୪ | ୨.୭ | ୧୦୫୦ |
| ସାଧାରଣ କାମ କରୁଥିବା ମହିଳା | ୧୦.୮ | ୨.୨୫ | ୯୦୦ |
| ୧-୬ ବର୍ଷ ବୟସର ଶିଶୁ | ୫ | ୧.୧ | ୬୭୫ |
| ୭-୧୨ ବର୍ଷ ବୟସର ଶିଶୁ | ୯ | ୧.୮ | ୭୫୦ |
| ବୟୋଜ୍ୟେଷ୍ଠ ବ୍ୟକ୍ତି | ୯ | ୧.୮ | ୬୭୫ |
| **ମୋଟ** | **୪୮.୨** | **୯.୬୫** | **୪୦୫୦** |

**ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ସାମିଲ:**

୧. ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟକୁ ଉଚ୍ଚ ପ୍ରାଥମିକତା ଦିଆଯାଉ। ଖାଦ୍ୟ ନିରାପତ୍ତା ବଜେଟ୍‌ରେ ଭାରତ ସରକାର ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ଭିତ୍ତିକ କୃଷି ପାଇଁ ଏବଂ ଏହାର ସଂଗ୍ରହ ଓ ବଣ୍ଟନ ନିମନ୍ତେ ବ୍ୟବସ୍ଥା କରନ୍ତୁ। ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟକୁ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଅଧିକରୁ ଅଧିକ ଉପଯୋଗ କରାଯାଉ। କାରଣ ଏ ପ୍ରକାର ଶସ୍ୟସବୁ ଜଳବାୟୁ ପରିବର୍ତ୍ତନ, ଜଳ ସଂକଟ ଭଳି ସମସ୍ୟାରୁ ମୁକୁଳି ଫସଲ ପାଚିବାକୁ ସକ୍ଷମ। ତେଣୁ ଦେଶର ଖାଦ୍ୟ ନିରାପତ୍ତାକୁ ରୂପରେଖ ଦେବା ସମୟରେ ଏସବୁ ଫସଲକୁ ପ୍ରାଥମିକତା ଦିଆଯିବା ଉଚିତ।

**୨. ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟକୁ ଭାରତର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରାଯାଉ:**

କ) ପ୍ରଚଳିତ ସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡ଼ି.ଏସ୍.) ଭିତରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟକୁ ସାମିଲ କରିବାର ଆବଶ୍ୟକତା ରହିଛି। ୨୦୧୦ ବର୍ଷରେ ବର୍ତ୍ତମାନର ମାସିକ କୋଟା ୨୫ କି.ଗ୍ରା. ଖାଦ୍ୟଶସ୍ୟରେ ୫ କି.ଗ୍ରା. ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ଦେବା ଆରମ୍ଭ କରାଯାଉ ଏବଂ ୨୦୨୦ ମସିହା ବେଳକୁ ଏହାକୁ ଧିରେ ଧିରେ ୫୦ ପ୍ରତିଶତକୁ ବଢ଼ାଇ ଦିଆଯାଉ।

ଖ) ଏହା ସହିତ ସମନ୍ୱିତ ଶିଶୁ ବିକାଶ ସେବା (ଆଇ.ସି.ଡ଼ି.ଏସ୍) ପ୍ରକଳ୍ପ, ବିଦ୍ୟାଳୟରେ ମଧାହ୍ନ ଭୋଜନ, ଆଦିବାସୀ-ହରିଜନ କଲ୍ୟାଣକାରୀ ଛାତ୍ରାବାସ ଏବଂ ଅନ୍ୟ ସରକାରୀ ଯୋଜନାଗୁଡ଼ିକ ମାଧମରେ ସପ୍ତାହକୁ ଅନ୍ତତଃ ଦୁଇଥର ଭୋଜନରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟକୁ ସାମିଲ କରାଯାଉ।

- ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ଖାଦ୍ୟ ନିରାପତ୍ତା ଓ ଗୋ-ଖାଦ୍ୟ ନିରାପତ୍ତା ପ୍ରଦାନ କରିଥାଏ। ଏଥିସହିତ ସ୍ୱାସ୍ଥ୍ୟ, ପୁଷ୍ଟି ନିରାପତ୍ତା, ଜୀବିକାର ନିରାପତ୍ତା ଏବଂ ପରିବେଶ ସୁରକ୍ଷାକୁ ସୁନିର୍ଶ୍ଚିତ କରିଥାଏ;
- ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ଉତ୍ପାଦନ ପାଇଁ ଧାନ ଅପେକ୍ଷା ଯଥେଷ୍ଟ କମ୍ ଜଳ ଆବଶ୍ୟକ କରେ;
- ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ ପୁଷ୍ଟିସାରର ଗନ୍ତାଘର - ଏଥିରେ ଉଭୟ ବ୍ୟାପକ ଓ ସୂକ୍ଷ୍ମ ପୋଷଣ ତତ୍ତ୍ୱ ରହିଛି;
- ଉଦାହରଣ ସ୍ୱରୂପ ବାଜରାରେ ୧୬ ମିଲିଗ୍ରାମ୍ ଲୌହସାର ଥିବାବେଳେ ଚାଉଳରେ ରହିଛି ମାତ୍ର ୦.୭ ମିଲିଗ୍ରାମ୍। ଠିକ୍‌ସେହିଭଳି ମାଣ୍ଡିଆରେ ୩୪୪ ମିଲିଗ୍ରାମ୍ କାଲସିୟମ୍ ଥିବାବେଳେ ଚାଉଳରେ ରହିଛି ମାତ୍ର ୧୦ ମିଲିଗ୍ରାମ୍।

**ପୁଷ୍ଟିର ଗନ୍ତାଘର**

| ଶସ୍ୟ | ଖାଦ୍ୟସାର ଗ୍ରାମ୍ | ତନ୍ତୁ ଗ୍ରାମ୍ | ଖଣିଜ ଦ୍ରବ୍ୟ ଗ୍ରାମ୍ | ଲୌହସାର ମିଲିଗ୍ରାମ୍ | କ୍ୟାଲ୍‌ସିୟମ ଊିଲିଗ୍ରାମ୍ |
|---|---|---|---|---|---|
| ବାଜରା | ୧୦.୬ | ୧.୩ | ୨.୩ | ୧୬.୯ | ୩୮ |
| ମାଣ୍ଡିଆ | ୭.୩ | ୩.୬ | ୨.୭ | ୩.୯ | ୩୪୪ |
| ଖେଟ ଜନା | ୧୨.୩ | ୮ | ୩.୩ | ୨.୮ | ୩୧ |
| କାଙ୍ଗୁ/ସୁଆଁ | ୧୨.୫ | ୨.୨ | ୧.୯ | ୦.୮ | ୧୪ |
| କୋଦୋ | ୮.୩ | ୯ | ୨.୬ | ୦.୫ | ୨୭ |
| କୋଶଲା | ୭.୭ | ୭.୬ | ୧.୫ | ୯.୩ | ୧୭ |
| ଗାଣ୍ଡିଆନ | ୧୧.୨ | ୧୦.୧ | | ୧୫.୨ | ୧୧ |
| ଚାଉଳ | ୬.୮ | ୦.୨ | ୦.୬ | ୦.୭ | ୧୦ |
| ଗହମ | ୧୧.୮ | ୧.୨ | ୧.୫ | ୫.୩ | ୪୧ |

**ଶୂନ୍ୟତା ଭିତରେ ଖାଦ୍ୟ ନିରାପତ୍ତା**

- ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଉତ୍ପାଦନ ଦିଗକୁ ବିଚାରକୁ ନ ନେଇ ଖାଦ୍ୟ ନିରାପତ୍ତା କଥା କହୁଛି। ସତେ ଯେପରିକି ଉତ୍ପାଦନକୁ ବାଦ୍‌ଦେଇ  ଖାଦ୍ୟଶସ୍ୟ ସଂଗ୍ରହ ଓ ବଣ୍ଟନ କରାଯାଇପାରିବ;
- ବାସ୍ତବରେ; ଉତ୍ପାଦନ, ସଂଗ୍ରହ ଓ ବଣ୍ଟନକୁ ଏକାସାଙ୍ଗରେ ବିଚାରକୁ ନେବା ଉଚିତ;
- କୃଷିର ପୁନରୁଦ୍ଧାର ପାଇଁ ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥାର ଉପଯୋଗ;

**ଦେଶରେ କଠୋର କୃଷି ସଙ୍କଟ ରହିଛି। ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ସରକାରଙ୍କୁ ଖାଦ୍ୟଶସ୍ୟ ସଂଗ୍ରହ ବଢ଼ାଇବାକୁ ପଡ଼ିବ। ଏହାଦ୍ୱାରା ଦେଶରେ ଉତ୍ପାଦନ ବଢ଼ିପାରିବ ଏବଂ ଦେଶରେ କୃଷି ଅର୍ଥବ୍ୟବସ୍ଥାକୁ ପୁନଶ୍ଚ ମଜବୁତ୍ କରିବା ପାଇଁ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବାଟ ହେବ।**

**ବିସ୍ତାରିତ ସାଧାରଣ ବଣ୍ଟନ ବ୍ୟବସ୍ଥା ସମେତ ନୂତନ ସଂଗ୍ରହ ନୀତି**

- ସବୁ ମଣ୍ଡିରୁ ଖାଦ୍ୟଶସ୍ୟ ସଂଗ୍ରହ କରାଯାଉ, ଫଳରେ ଦେଶର ସମସ୍ତ ଅଞ୍ଚଳ ସରକାରଙ୍କ ଖାଦ୍ୟଶସ୍ୟ ସଂଗ୍ରହରୁ ଲାଭ ପାଇପାରିବ (ବର୍ତ୍ତମାନ ପଞ୍ଜାବ, ହରିଆନା, ଆନ୍ଧ୍ରପ୍ରଦେଶ ଓ ଅଂଶିକଭାବେ ଉତ୍ତରପ୍ରଦେଶରୁ ବୃହତ ଅଂଶ ସଂଗ୍ରହ କରାଯାଉଛି);
- ସର୍ବନିମ୍ନ ସହାୟକ ମୂଲ୍ୟରେ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟ, ଡ଼ାଲିଜାତୀୟ ଶସ୍ୟ ଓ ତୈଳବୀଜ ଇତ୍ୟାଦିକୁ ସଂଗ୍ରହ କଲେ ଶୁଭଙ୍କର ହେବ। ଯାହାକି ବର୍ତ୍ତମାନ ଅନିଶ୍ଚିତ ଦର ଓ କମ୍ ନିବେଶ ଯୋଗୁଁ ଉପେକ୍ଷିତ ହୋଇ ରହିଛି;
- ଏସବୁ ଶସ୍ୟ ଶୁଖିଲା ଢ଼ିପ ଜମିରେ ଅତି ସହଜରେ ବଢ଼ି ପାରିବ ଏବଂ ଏଥିପାଇଁ ବିଶେଷ ପାଣି କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଉପଯୋଗୀ ସମ୍ବଳର ଆବଶ୍ୟକତା ନାହିଁ;
- ସର୍ବନିମ୍ନ ସହାୟକ ମୂଲ୍ୟ ବିନିମୟରେ ଖାଦ୍ୟଶସ୍ୟ ସଂଗ୍ରହ ହେବା ଉଚିତ;
- ବାଜରା, ଯଅ, ମାଣ୍ଡିଆ ଆଦି (ମିଲେଟ୍) ଶସ୍ୟ ଏବଂ ଡ଼ାଲିଜାତୀୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଖୁବ୍ କମ୍ ଅଛି। ନିକଟ ଅତୀତରେ ଡ଼ାଲିଜାତୀୟ ଶସ୍ୟର ମୁଦ୍ରାସ୍ଫିତି ଘଟିଥିଲେ ବି କୃଷକମାନେ ଏହାକୁ  କି.ଗ୍ରା. ପ୍ରତି ୨୫ ଟଙ୍କାରୁ ୩୫ ଟଙ୍କାରେ ବିକ୍ରି କରିଛନ୍ତି। ମୁଗର ସର୍ବନିମ୍ନ ସହାୟକ ମୂଲ୍ୟ ୨୭ଟଙ୍କା ୬୦ପଇସା ଓ ହରଡ଼ ଡ଼ାଲିର ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଟଙ୍କା ଥିଲାବେଳେ ବଜାରରେ ଏହାର ଖୁଚୁରା ଦର ୬୫ଟଙ୍କାରୁ ୧୨୦ଟଙ୍କା ଭିତରେ ଥିଲା।
- ଖାଉଟିମାନେ ଉଚ୍ଚ ଦର ବହନ କରୁଥିବା ବେଳେ କୃଷକମାନେ ଏଥିରୁ କୌଣସି ଫାଇଦା ପାଇପାରୁ ନାହାନ୍ତି। ଉଦାହରଣ ସ୍ୱରୂପ ବାଜରା, ଯଅ, ମାଣ୍ଡିଆ (ମିଲେଟ୍) ଆଦି ଶସ୍ୟଗୁଡ଼ିକ ବିକ୍ରିରେ କୃଷକ ପାଉଥିବା ଦର ଓ ବଜାର ଦର ଭିତରେ ୩୦-୫୦% ପାର୍ଥକ୍ୟ ରହୁଛି;

**ସ୍ଥାନୀୟ ସଂଗ୍ରହ, ସ୍ଥାନୀୟ ବଣ୍ଟନ**

ଯଦି ସ୍ଥାନୀୟ ଭାବେ ଖାଦ୍ୟଶସ୍ୟ ସଂଗ୍ରହ କମ୍ ହୁଏ, ତେବେ ଜିଲ୍ଲା/ଜୋନ୍‌ସ୍ତର ବାହାରୁ ସଂଗ୍ରହ କରାଯାଉଥିବା ଖାଦ୍ୟଶସ୍ୟକୁ ଅନ୍ତିମ ବିକଳ୍ପ ଭାବେ ବଣ୍ଟନ ପାଇଁ ଉପଯୋଗ କରାଯିବ। ଏଥିରେ:-

- ଏପରି ସଂଗ୍ରହ ଦ୍ୱାରା ସବୁ ଅଞ୍ଚଳର କୃଷକମାନେ ଲାଭବାନ ହୋଇପାରିବେ;
- ସ୍ଥାନୀୟ ଲୋକଙ୍କ ପସନ୍ଦ ମୁତାବକ ଖାଦ୍ୟଶସ୍ୟ ବଣ୍ଟନ କରାଯାଇ ପାରିବ;
- ଏପରି କରିପାରିଲେ ଖାଦ୍ୟଶସ୍ୟରେ ହେଉଥିବା ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ପାଇଁ ସହଜ ହେବ;

ତେବେଯାହାହେଉ, ଆମ ଦେଶର ଅନେକ ଅଞ୍ଚଳରେ ଖାଦ୍ୟଶସ୍ୟର ଅଭାବ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ବଳକା ଥିବା ଅଞ୍ଚଳରୁ ଅଭାବ ଅଞ୍ଚଳକୁ ଖାଦ୍ୟଶସ୍ୟ ପହଞ୍ଚାଇବା ଏବଂ ଏହା କେନ୍ଦ୍ର ସରକାରଙ୍କ ଏଜେନ୍‌ସୀଙ୍କ ଦ୍ୱାରା ସୁନିଶ୍ଚିତ କରାଯିବ। ପ୍ରତ୍ୟେକ ବ୍ଲକ୍‌ରେ ଶସ୍ୟ ଗଚ୍ଛିତ ରଖିବା ପାଇଁ ଶସ୍ୟାଗାର ହେବା ଉଚିତ। ବର୍ତ୍ତମାନ ହଜାର ହଜାର ଟନ୍ ଖାଦ୍ୟଶସ୍ୟ ଶସ୍ୟାଗାର ଅଭାବରୁ ବାହାରେ ପଡ଼ି ପଚିସଢ଼ି ନଷ୍ଟ ହେଉଛି। ପଚିସଢ଼ି ନଷ୍ଟ ହେଉଥିବା

ଖାଦ୍ୟଶସ୍ୟକୁ ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ସରକାର ନା ପଦକ୍ଷେପ ନେଇପାରୁଛନ୍ତି ନା ଏହାକୁ କ୍ଷୁଧାତୁର ଗରିବ ଲୋକଙ୍କ ଭିତରେ ବଣ୍ଟନ କରିବାର ବ୍ୟବସ୍ଥା କରିପାରୁଛନ୍ତି ।

ସ୍ଥାନୀୟଭାବେ ଖାଦ୍ୟଶସ୍ୟ ସଂଗ୍ରହ କରିବା, ଗଚ୍ଛିତ ରଖିବା ଓ ବଣ୍ଟନ କରିବା ଜରିଆରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଗାଁସ୍ତରରେ ଶସ୍ୟ ପାଣ୍ଠି ସ୍ଥାପନ କରାଯାଉ ।

**ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି, ଉପଲବ୍‌ଧତା ଓ ପୁଷ୍ଟି ପାଇଁ ଆବଶ୍ୟକୀୟ ନୀତି**

- ଯେପର୍ଯ୍ୟନ୍ତ ଦେଶରେ କୁ-ପୋଷଣ ସମାପ୍ତ ନହୋଇଛି ସେପର୍ଯ୍ୟନ୍ତ ଖାଦ୍ୟଶସ୍ୟ ରପ୍ତାନୀ ଉପରେ ତୁରନ୍ତ କଟକଣା ଜାରି କରାଯାଉ । ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକରେ ପଶୁ ଓ କୁକୁଡ଼ାମାନଙ୍କୁ ଗରିବ ଦେଶଗୁଡ଼ିକରୁ ଆମଦାନୀ କରାଯାଉଥିବା ଖାଦ୍ୟଶସ୍ୟକୁ ଖାଇବାକୁ ଦିଆଯାଉଥିବା ବେଳେ, ଆମ ଦେଶର ଗରିବମାନେ ଭୋକରେ ରହୁଛନ୍ତି;
- ଜୈବ ଇନ୍ଧନ ଓ ମଦ ଉତ୍ପାଦନ ପାଇଁ ଖାଦ୍ୟଶସ୍ୟ ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଯାଉ;
- ଉତ୍ପାଦିତ ଦ୍ରବ୍ୟ କୃଷକମାନଙ୍କ ପାଖରେ ପଡ଼ି ରହିବା ଭଳି ସମସ୍ୟାରୁ କୃଷକମାନଙ୍କୁ ବଞ୍ଚାନ୍ତୁ । ଯଦି କୃଷକମାନଙ୍କୁ ସଠିକ୍ ସରକାରୀ ନୀତିଦ୍ୱାରା ସହାୟତା ମିଳିବ, ତେବେ ଆମର କୃଷକମାନେ ସାରା ଦେଶକୁ ଖୁଆଇବା ପାଇଁ ଯଥେଷ୍ଟ ଉତ୍ପାଦନ କରିପାରିବେ;
- ପ୍ରଥମ କଥା ହେଉଛି ଜଳ, ଜମି ସମେତ ସମସ୍ତ ପ୍ରାକୃତିକ ସଂସାଧନକୁ ନିଶ୍ଚିତ ଭାବରେ ଖାଦ୍ୟ ପାଇଁ ଉପଯୋଗ କରାଯାଉ । ଖାଦ୍ୟ ଉତ୍ପାଦନ କ୍ଷେତ୍ରରୁ ଜଳ, ଜମି, ଜଙ୍ଗଲ ସଂପଦକୁ ବଳପୂର୍ବକ ଉଚ୍ଛେଦ କରି ଅନ୍ୟତ୍ର ବ୍ୟବହାର କରାନଯାଉ;
- କୃଷିର ନିଗମୀକରଣ ଏବଂ କୃଷି ବ୍ୟବସାୟୀ କମ୍ପାନୀମାନଙ୍କ ଦ୍ୱାରା ଖାଦ୍ୟ ବଜାରକୁ ନିୟନ୍ତ୍ରଣ ବନ୍ଦ କରାଯାଉ;
- ଗୁଣ ନିୟନ୍ତ୍ରକ ଆନୁବଂଶିକ (ଜି.ଏମ୍.) ବିହନ, ଗୁଣ ନିୟନ୍ତ୍ରକ ଆନୁବଂଶିକ ଖାଦ୍ୟ ପଦାର୍ଥ ଆମଦାନୀ ଏବଂ ସରକାରୀ ଖାଦ୍ୟ ଯୋଜନାଗୁଡ଼ିକରେ ଗୁଣ ନିୟନ୍ତ୍ରକ ଆନୁବଂଶିକ (ଜି.ଏମ୍.) ଖାଦ୍ୟର ଉପଯୋଗ ଉପରେ ତୁରନ୍ତ ରହିତାଦେଶ ଜାରି କରାଯାଉ;
- ଖାଦ୍ୟଦ୍ରବ୍ୟକୁ ନେଇ ଭବିଷ୍ୟତରେ ବ୍ୟବସାୟ ଓ ସମସ୍ତ ପ୍ରକାର ବ୍ୟବସାୟିକ କାରବାରକୁ ନିଷିଦ୍ଧ କରାଯାଉ;
- ଠିକା ଚାଷ ସମେତ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଠିକାଦାର ଓ କର୍ପୋରେଟ୍ ସ୍ୱାର୍ଥକୁ ସରକାର ଲୋପ କରିବା ଉଚିତ । ଖାଦ୍ୟ ବଜାର ଓ ସରକାରୀ ଯୋଜନାଗୁଡ଼ିକରେ ଠିକାଦାର କିମ୍ବା କର୍ପୋରେଟ୍ ସେକ୍ଟରର ପ୍ରବେଶକୁ ନିଷେଧ କରିବା ଦରକାର;
- ଯେଉଁଠି ସ୍ୱାର୍ଥକୁ ନେଇ ଦ୍ୱନ୍ଦ ରହିଛି, ସେଠାରେ ସରକାର କୌଣସି ଘରୋଇ କ୍ଷେତ୍ର ସହ ଅନୁବନ୍ଧିତ ହୋଇ ଭାଗିଦାରୀ ହେବା ଉଚିତ ନୁହେଁ;
- ସରକାର ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳ ଓ ସ୍ୱଚ୍ଛ ପରିମଳ ବ୍ୟବସ୍ଥା କରିବା ଉଚିତ;

**ବିସ୍ତାରିତ ସାଧାରଣ ବଣ୍ଟନ ବ୍ୟବସ୍ଥା : ସରକାରଙ୍କ ପାଖରେ ମହଜୁଦ୍ ଥିବା ଖାଦ୍ୟଶସ୍ୟର ଅଧାଭାଗ ଆବଶ୍ୟକ**

- ମୋଟ ଖାଦ୍ୟଶସ୍ୟ ଉପଲବ୍‌ଧତା (ଫେଡ଼ାଣ ୧୨.୫% ବିହନ ଓ ନଷ୍ଟ ହୋଇଯିବା ଆଦି ପାଇଁ) ୨୦୦୫-୦୬ ରୁ ୨୦୦୮-୦୯ରେ ୧୭୦.୮ ମିଲିଅନ୍ ଟନ୍ ରୁ ୧୯୧.୮ ମିଲିଅନ୍ ଟନ୍ ମଧ୍ୟରେ ରହିଥିଲା;
- ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଦେଶର ଶହେ ପ୍ରତିଶତ ପରିବାରଙ୍କ ପାଇଁ ଆବଶ୍ୟକ ୧୩୮ ମିଲିଅନ୍ ଟନ୍ ଖାଦ୍ୟଶସ୍ୟ । ତେବେ ଯାହାହେଉ, ପ୍ରକୃତ ଖାଦ୍ୟଶସ୍ୟର ଆବଶ୍ୟକତା ଫଡ଼ିବ, ଯଦି ୭୦% ଖର୍ଚ୍ଚ କରାଯାଏ ତେବେ ୯୬ ମିଲିଅନ୍ ଟନ୍, ଯଦି ୮୦% ଖର୍ଚ୍ଚ କରାଯାଏ ତେବେ ୧୧୦ ମିଲିଅନ୍ ଟନ୍ ଏବଂ ଯଦି ଅର୍ଜ୍ଜୁନ ସେନ୍‌ଗୁପ୍ତ କମିଟି ଦ୍ୱାରା ଆକଳିତ ଗରିବଙ୍କ ସଂଖ୍ୟା ଅନୁସାରେ ଖର୍ଚ୍ଚ କରାଯାଏ ତେବେ ୧୦୬ ମିଲିଅନ୍ ଟନ୍;
- ବର୍ତ୍ତମାନ ଦେଶରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟର ମାତ୍ର ୬୦% ଆବଶ୍ୟକ, ଅର୍ଥାତ୍ ସମସ୍ତଙ୍କ ଖାଦ୍ୟ ନିରାପତ୍ତା ପାଇଁ ଦେଶର ଉତ୍ପାଦନ ଓ ଦେଶ ନିକଟରେ ମହଜୁଦ୍ ହୋଇ ରହିଥିବା ଖାଦ୍ୟଶସ୍ୟ ଯଥେଷ୍ଟ ହେବ;

**ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଆମର ଦାବି ଅନୁସାରେ ଖାଦ୍ୟଶସ୍ୟ ଉପଲବ୍ଧ ଅଛି କି ?**

**ପ୍ରସାରିତ ସାଧାରଣ ବଣ୍ଟନ ବ୍ୟବସ୍ଥା : କେତେ ପରିମାଣର ଖାଦ୍ୟଶସ୍ୟର ଆବଶ୍ୟକତା ରହିଛି (ମିଲିଅନ୍ ଟନ୍‌ରେ) ।**

| ପ୍ରତି ପରିବାର ପିଛା ମାସକୁ (କି.ଗ୍ରା.ରେ) | **୫୦ କି.ଗ୍ରା.** | **୩୫ କି.ଗ୍ରା.** |
|---|---|---|
| ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥା (୨୩ କୋଟି ପରିବାର ପାଇଁ) | **୧୩୮.୦** | **୯୬.୬** |
| ସର୍ବବ୍ୟାପୀ (୭୦% ଖର୍ଚ୍ଚ ହେଲେ) | ୯୬.୬ | ୬୭.୬ |
| ସର୍ବବ୍ୟାପୀ (୮୦% ଖର୍ଚ୍ଚ ହେଲେ) | ୧୧୦.୪ | ୭୭.୩ |
| ଅର୍ଜ୍ଜୁନ ସେନ୍‌ଗୁପ୍ତ କମିଟି (୧୭.୭ କୋଟି ପରିବାର) | ୧୦୬.୨ | ୭୪.୩ |
| ସକ୍‌ସେନା କମିଟି (୧୧.୫ କୋଟି ପରିବାର) | ୬୯.୦ | ୪୮.୩ |
| ତେନ୍ଦୁଲକର କମିଟି (୮.୫ କୋଟି ପରିବାର) | ୫୧.୨ | ୩୫.୮ |

**ପ୍ରସାରିତ ସାଧାରଣ ବଣ୍ଟନ ବ୍ୟବସ୍ଥା : କେତେ ପରିମାଣର ଖାଦ୍ୟଶସ୍ୟର ଉପଲବ୍ଧତା ରହିଛି ।**

| ଉତ୍ପାଦନ (ମିଲିଅନ୍ ଟନ୍‌ରେ) | ମୋଟ ଖାଦ୍ୟଶସ୍ୟ | ମୋଟ ଡ଼ାଲି | ମୋଟ ଖାଦ୍ୟଶସ୍ୟ | ମୋଟ ଉତ୍ପାଦନ ଫେଡ଼ାଣ (୧୨.୫% ବିହନ, ଘରୋଇ ବ୍ୟବହାର ଓ ନଷ୍ଟ ପାଇଁ) |
|---|---|---|---|---|
| ୨୦୦୫-୦୬ | ୧୯୫.୨୧ | ୧୩.୩୯ | ୨୦୮.୬ | ୧୭୦.୮ |
| ୨୦୦୬-୦୭ | ୨୦୩.୦୮ | ୧୪.୨ | ୨୧୭.୨୮ | ୧୭୭.୭ |
| ୨୦୦୭-୦୮ | ୨୧୬.୦୨ | ୧୪.୭୬ | ୨୩୦.୭୮ | ୧୮୯.୦ |
| ୨୦୦୮-୦୯ | ୨୧୯.୨୨ | ୧୪.୬୬ | ୨୩୩.୮୮ | ୧୯୧.୮ |

ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା : କେତେ ପରିମାଣର ଡ଼ାଲି ଆବଶ୍ୟକ ୨୩ କୋଟି ପରିବାର ପାଇଁ ଡ଼ାଲି ଆବଶ୍ୟକ; ୨୩ କୋଟି ପରିବାର × ପ୍ରତି ପରିବାର ପିଛା ମାସକୁ ୫.୨୫ କି.ଗ୍ରା. × ୧୨ ମାସ = ୧.୪୫ କୋଟି ମେଟ୍ରିକ୍ ଟନ୍ ବା ୧୪.୫ ମିଲିଅନ୍ ମେଟ୍ରିକ୍ ଟନ୍ ।

ବର୍ତ୍ତମାନ ୪ ବର୍ଷ ଭିତରେ ଦେଶର ଡ଼ାଲି ଉତ୍ପାଦନ ୧.୩୯ ରୁ ୧.୪୭ କୋଟି ମେଟ୍ରିକ୍ ଟନ୍ ମଧ୍ୟରେ ରହିଛି, ଯାହାକି ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରିବାକୁ ଯଥେଷ୍ଟ । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୮୦% ଲୋକଙ୍କୁ ଡ଼ାଲି ମିଳିଲେ ଆବଶ୍ୟକ ପଡ଼ିବ ୧.୧୫ କୋଟି ମେଟ୍ରିକ୍ ଟନ୍ । ଆମର ମୋଟ ଉତ୍ପାଦନର ୮୦% ଆବଶ୍ୟକ ହେବ ।

ଦେଶରେ ଡ଼ାଲି ଉତ୍ପାଦନ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି । ନିବେଶର ଅଭାବ ଯୋଗୁଁ ଡ଼ାଲି ଉତ୍ପାଦନ ସ୍ଥିର ଅବସ୍ଥାରେ ରହିଛି । ଯଦି ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଡ଼ାଲି ବିତରଣ କରାଯିବ ନାହିଁ, ତେବେ ଡ଼ାଲିର ବ୍ୟବହାର କମିବ ଓ କୁ-ପୋଷଣ ବଢ଼ିବ ।

ଯଦି ଡ଼ାଲିର ଉଚିତ ଦରର ସ୍ଥିରତା ବଜାୟ ରହିବ, ତେବେ ଡ଼ାଲି ଉତ୍ପାଦନ ବଢ଼ିପାରିବ।

ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବିତରଣ କରାଯାଉଥିବା ଡ଼ାଲିର ପରିମାଣକୁ ଆଗାମୀ ୫ବର୍ଷ ଭିତରେ ଧିରେଧିରେ ପରିବାର ପିଛା ୧.୫ କି.ଗ୍ରା.କୁ ବଢ଼ାଇ ଦିଆଯାଇପାରିବ।

**ଖାଇବା ତେଲର ଆବଶ୍ୟକତା (ଲକ୍ଷ ଟନ୍‌ରେ)**

| ତେଲ ଉତ୍ପାଦନ ବର୍ଷ (ନଭେମ୍ବର ରୁ ଅକ୍ଟୋବର) | ତୈଳବୀଜର ଉତ୍ପାଦନ | ସମସ୍ତ ଘରୋଇ ସ୍ରୋତରୁ ଉପଲବ୍ଧ ତେଲର ମାତ୍ରା | ଖାଇବା ତେଲର ବ୍ୟବହାର (ଘରୋଇ ଓ ବିଦେଶରୁ ଆମଦାନୀ କରାଯାଉଥିବା ତେଲକୁ ମିଶାଇ) |
|---|---|---|---|
| ୨୦୦୦-୦୧ | ୧୮୪.୪୦ | ୫୪.୯୯ | ୯୬.୭୬ |
| ୨୦୦୧ -୦୨ | ୨୦୬.୬୩ | ୬୧.୪୬ | ୧୦୪.୬୮ |
| ୨୦୦୨-୦୩ | ୧୪୮.୩୯ | ୪୬.୬୪ | ୯୦.୨୯ |
| ୨୦୦୩-୦୪ | ୨୫୧.୮୬ | ୭୧.୪୦ | ୧୨୪.୩୦ |
| ୨୦୦୪-୦୫ | ୨୪୩.୫୪ | ୭୨.୪୭ | ୧୧୭.୮୯ |
| ୨୦୦୫-୦୬ | ୨୭୯.୭୯ | ୮୩.୧୬ | ୧୨୬.୦୪ |
| ୨୦୦୬-୦୭ | ୨୪୨.୮୯ | ୭୩.୭୦ | ୧୧୫.୮୭ |
| ୨୦୦୭-୦୮ | ୨୯୭.୫୫ | ୮୬.୫୪ | ୧୪୨.୬୨ |
| ୨୦୦୮-୦୯ | ୨୮୧.୫୭ | ୮୫.୯୮ | ୧୮୩.୦୦ |

**ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା : କେତେ ପରିମାଣର ଖାଇବା ତେଲ ଆବଶ୍ୟକ**

- ଖାଇବା ତେଲ ଆବଶ୍ୟକ; ୨୩ କୋଟି ପରିବାର × ପ୍ରତି ପରିବାର ପିଛା ମାସକୁ ୨.୮ କି.ଗ୍ରା. × ୧୨ମାସ = ୭୭.୩ ଲକ୍ଷ ମେଟ୍ରିକ୍ ଟନ୍ ବା ୦.୭୩ ମିଲିଅନ୍ ମେଟ୍ରିକ୍ ଟନ୍।
- ତେଲର ଆବଶ୍ୟକତା ବାର୍ଷିକ ପ୍ରାୟ ୬୧.୮ ଲକ୍ଷ ମେଟ୍ରିକ୍ ଟନ୍ ହେବ (୮୦% ଖର୍ଚ୍ଚ ହେଲେ)। ଗତ ୪ବର୍ଷ ଧରି ଘରୋଇ ଉତ୍ପାଦନରୁ ହାରାହାରି ଉପଲବ୍ଧତା ଥିଲା ପ୍ରାୟ ୮୨ଲକ୍ଷ ଟନ୍। ୨୦୦୯-୧୦ରେ ଆମଦାନୀ ତେଲକୁ ମିଶାଇ ଏହା ୧୮୩ଲକ୍ଷ ଟନ୍‌ରେ ପହଞ୍ଚିଛି(ଆକଳିତ)
- ଆମର ଘରୋଇ ଉତ୍ପାଦନର ୭୫% ତେଲ ଆବଶ୍ୟକ।

**ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା : ମଧ୍ୟବର୍ତ୍ତୀ ଅବଧି ଭିତରେ ଖାଦ୍ୟଶସ୍ୟ ଫସଲର ଉତ୍ପାଦନ ବଢ଼ିବ।**

- ଯଦି ସରକାର କୃଷକମାନଙ୍କ ଠାରୁ ଉଚିତ ମୂଲ୍ୟରେ ଖାଦ୍ୟଶସ୍ୟ ସଂଗ୍ରହ କରିବାର ପରିମାଣ ବୃଦ୍ଧି କରିବେ, ତେବେ କୃଷକମାନେ ଏକ ନିର୍ଶ୍ଚିତ ନିର୍ଭରଯୋଗ୍ୟ ବଜାର ପାଇପାରିବେ, ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇବ।
- ବର୍ତ୍ତମାନ ମୋଟ ଖାଦ୍ୟଶସ୍ୟ ଉତ୍ପାଦନର ମାତ୍ର ୨୫.୮% ସରକାରଙ୍କ ଦ୍ୱାରା ସଂଗ୍ରହ କରାଯାଉଛି। ସରକାରଙ୍କ ପାଖରେ ମୋଟ ଉପଲବ୍ଧ ଖାଦ୍ୟଶସ୍ୟର ମାତ୍ର ୧୮.୯% ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବଣ୍ଟନ କରାଯାଉଛି (୨୦୦୮ର ତଥ୍ୟ ଇଏସଆଇ-୨୦୦୯-୧୦ରେ ଦିଆଯାଇଛି।

**ଏସବୁ ପାଇଁ ଯଥେଷ୍ଟ ଅର୍ଥ ଅଛି କି ?**

**ପାଣ୍ଠିର ଆବଶ୍ୟକତା**

| | **ପ୍ରତି ପରିବାର ପିଛା ମାସକୁ ୫୦ କି.ଗ୍ରା. ପାଇଁ** | **ପ୍ରତି ପରିବାର ପିଛା ମାସକୁ ୩୫ କି.ଗ୍ରା. ପାଇଁ** |
|---|---|---|
| ଗହମ ଓ ଚାଉଳର କି.ଗ୍ରା. ପ୍ରତି ଦର (ଟଙ୍କାରେ) | ୧୬ | ୧୬ |
| ପ୍ରସ୍ତାବିତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ କି.ଗ୍ରା. ପ୍ରତି ଦର (ଟଙ୍କାରେ) | ୩ | ୩ |
| କି.ଗ୍ରା. ପ୍ରତି ବାସ୍ତବିକ ରିହାତି (କି.ଗ୍ରାରେ) | ୧୩ | ୧୩ |
| ମାସକୁ ପରିମାଣ ସଂଖ୍ୟା (କି.ଗ୍ରାରେ),<br>ପ୍ରତି ପରିବାର ପିଛା ମାସକୁ ରିହାତି (ଟଙ୍କାରେ) | ୫୦<br>୬୫୦ | ୫୦<br>୪୫୫ |
| ପ୍ରତି ପରିବାର ପିଛା ବାର୍ଷିକ ରିହାତି (ଟଙ୍କାରେ) | ୭୮୦୦ | ୫୪୬୦ |
| ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା ନିମନ୍ତେ ୨୦ କୋଟି ପରିବାର ପାଇଁ (କୋଟି ଟଙ୍କାରେ) | ୧୭୯୪୦୦ | ୧୨୫୪୫୮୦ |
| ୭୦% ଉଠାଇବା ପାଇଁ ଖର୍ଚ୍ଚ (ଲକ୍ଷ କୋଟି ଟଙ୍କାରେ) | ୧୨୫୫୮୦ | ୮୭୯୦୬ |
| ୮୦% ଉଠାଇବା ପାଇଁ ଖର୍ଚ୍ଚ (ଲକ୍ଷ କୋଟି ଟଙ୍କାରେ) | ୧୪୩୫୨୦ | ୧୦୦୪୬୪ |

**ସର୍ବବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥା : ପାଣ୍ଠିର ଉପଲବ୍ଧତା**

ଆମେରିକା, ସ୍ୱିଡ଼େନ ସମେତ ଅନେକ ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତର କର ଓ ଜିଡ଼ିପିର ଅନୁପାତ ବହୁତ କମ୍। ଭାରତରେ ଏହା ୧୮% ଥିଲା ବେଳେ, ଆମେରିକାରେ ଏହା ୨୮% ଓ ସ୍କେଣ୍ଡେନବିୟନ ଦେଶଗୁଡ଼ିକରେ ଏହା ୪୦-୫୦% ଅଟେ।

ଏପରି ଖୁବ୍ କମ୍ କର ହାର ଉପରେ ବି ବହୁତ ଛାଡ଼ କରାଯାଉଛି। ୨୦୦୯-୧୦ରେ କେନ୍ଦ୍ର ସରକାରଙ୍କ କର (ଆୟକର, କର୍ପୋରେଟ୍ ଆୟକର, ଅବକାରୀ ଓ ସୀମା ଶଳ୍କ)ରେ ସମୁଦାୟ ୫,୦୨,୨୨୯ କୋଟି ଟଙ୍କା କର ଛାଡ଼ କରାଯାଇଥିଲା। ଯାହାକି ମୋଟ କର ସଂଗ୍ରହର ଏହା ଥିଲା ୭୯.୫୪%। ୨୦୦୮-୦୯ରେ ୪,୧୪,୦୯୯ କୋଟି ଟଙ୍କା (ଅର୍ଥାତ୍ ମୋଟ କର ଆଦାୟର ୬୮.୫୯%) କର ଛାଡ଼ କରାଯାଇଥିଲା।

**ଏପରି କର ଛାଡ଼ର ପରିମାଣ ବର୍ତ୍ତମାନ ଖାଦ୍ୟ ଉପରେ ଦିଆଯାଉଥିବା ରିହାତି ଅର୍ଥର ପ୍ରାୟ ୧୧ଗୁଣା ଅଧିକ।**

- ୨୦୦୯-୧୦ରେ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ୭୯,୫୫୪ କୋଟି ଟଙ୍କା ଆୟକର ଛାଡ଼ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ଏହା ପାଖାପାଖି ୧୩,୦୦୦ କୋଟି ଟଙ୍କା ଅଧିକ;
- ୨୦୦୯-୧୦ରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ପାଇଁ ବୈଧାନିକ ଆୟକର ହେଉଛି ୩୩.୯୯%, କିନ୍ତୁ କମ୍ପାନୀଗୁଡ଼ିକ ପାଇଁ ବାସ୍ତବରେ ଆୟକର ୨୨% ରହିଛି;
- ୫୦୦ କୋଟି ଟଙ୍କାରୁ ଅଧିକ ମୂଳଧନ ବ୍ୟବହାର କରୁଥିବା ବଡ଼ବଡ଼ କମ୍ପାନୀମାନେ ସବୁଠୁଁ ଅଧିକ ଆୟକର ଛାଡ଼ ପାଇଥାଆନ୍ତି;
- ଘରୋଇ କ୍ଷେତ୍ରର କମ୍ପାନୀଗୁଡ଼ିକ ଅପେକ୍ଷା ସରକାରୀ କ୍ଷେତ୍ରର କମ୍ପାନୀଗୁଡ଼ିକ ଅଧିକ ଆୟକର ଦେଇଥାଆନ୍ତି;
- ଅବକାରୀ ଶୁଳ୍କ; ୧୬% ପ୍ରତିବଦଳରେ କେବଳ ମାତ୍ର ୮% ଅବକାରୀ ଶୁଳ୍କ ଲାଗୁ କରାଯାଇଛି;
- ସୀମା ଶୁଳ୍କ; ସୁନା, ହୀରା, ଗହଣାଗାଣ୍ଠି ପାଇଁ ସୀମା ଶୁଳ୍କ ୩୯,୭୬୯ କୋଟି ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯାଇଛି;

**ଛାଡ଼ କରାଯାଇଥିବା ଏ ସମସ୍ତ ଧନରାଶି "ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା" ପାଇଁ ଆବଣ୍ଟିତ ସମୁଦାୟ ବଜେଟ୍ ସହ ପ୍ରାୟ ସମାନ।**

### ଶିଶୁମାନଙ୍କ ଖାଦ୍ୟ ଅଧିକାର

ଯଦିଓ ଏହା ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ତଥ୍ୟ ଯେ ଶିଶୁ ଅପପୁଷ୍ଟି ଏବଂ ମାତୃ ମୃତ୍ୟୁ ଦୃଷ୍ଟିକୋଣରୁ ଦେଶର ସ୍ଥିତି ଅତ୍ୟନ୍ତ ଗମ୍ଭୀର। କିନ୍ତୁ, ପ୍ରସ୍ତାବିତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ପ୍ରଚଳିତ ଖାଦ୍ୟ ଯୋଜନାଗୁଡ଼ିକରେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ଆଇନଗତ ହକ୍‌କୁ ମଧ୍ୟ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ଅଣଦେଖା କରାଯାଇଛି।

### ବାଳୁତ ଶିଶୁମାନଙ୍କ ଖାଦ୍ୟ ଅଧିକାର:

### ବାଳୁତ ଶିଶୁମାନଙ୍କର ଆବଶ୍ୟକତା

- ଜନ୍ମର ୧ଘଣ୍ଟା ଭିତରେ ସ୍ତନ୍ୟପାନ ଆରମ୍ଭ;
- ପ୍ରଥମ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ;

### ବାଳୁତ ଶିଶୁମାନଙ୍କ ପାଇଁ ପୁଷ୍ଟି ନିରାପତ୍ତା

- ବାଳୁତ ଶିଶୁ ଓ ବଡ଼ ଶିଶୁମାନଙ୍କର ଖାଦ୍ୟପେୟ ସମ୍ବନ୍ଧରେ ଦକ୍ଷତାପୂର୍ଣ୍ଣ ସହାୟତା ଓ ପରାମର୍ଶ;
- ପିଲା ଜନ୍ମ ହେବାର ୬ମାସ ପର୍ଯ୍ୟନ୍ତ ମା'କୁ ଆର୍ଥିକ ଓ ପୁଷ୍ଟି ସହାୟତା;
- ଗୋଷ୍ଠୀରେ ଓ କାର୍ଯ୍ୟସ୍ଥଳରେ ପିଲାମାନଙ୍କୁ ରଖି ଦେଖାଶୁଣା କରିବା ନିମନ୍ତେ ଘର (କ୍ରେଚ୍);

### ପିଲାମାନଙ୍କ ଖାଦ୍ୟ ଅଧିକାର ପାଇଁ ଆଇନରେ କ'ଣ ବ୍ୟବସ୍ଥା ହେବା ଉଚିତ:

- ଆଇ.ସି.ଡ଼ି.ଏସ୍. କେନ୍ଦ୍ର ଓ ବିଦ୍ୟାଳୟରେ ଜନ୍ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଖାଦ୍ୟର ବ୍ୟବସ୍ଥା;
- ଆଇନରେ କୁହାଯାଇଥିବା ସର୍ବନିମ୍ନ ପୁଷ୍ଟିକୁ ବଜାୟ ରଖିବା;
- ରନ୍ଧା ଯାଇଥିବା ଗରମ ଭୋଜନ;
- ବ୍ୟବସ୍ଥିତ ଢ଼ାଞ୍ଚା- ସ୍ଥାୟୀ ଗୃହ, ପାନୀୟ ଜଳ, ଶୌଚାଳୟ, ଆନୁସଙ୍ଗିକ ଉପକରଣର ବ୍ୟବସ୍ଥା;
- ଯଥେଷ୍ଟ କର୍ମକର୍ତ୍ତା ବ୍ୟବସ୍ଥା;
- ଆଇ.ସି.ଡ଼ି.ଏସ୍. କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା;
- ଠିକାଦରୀ ବ୍ୟବସ୍ଥା ବନ୍ଦ;

### ସାର୍ବବ୍ୟାପୀ ଆଇ.ସି.ଡ଼ି.ଏସ୍.

- ୦-୬ବର୍ଷ ବୟସର ଶିଶୁମାନଙ୍କୁ ପରିପୂରକ ପୁଷ୍ଟି ଯୋଗାଣ ସମେତ ସ୍ୱାସ୍ଥ୍ୟ ସେବା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଯୋଗାଇଦେବା; ସ୍ୱାସ୍ଥ୍ୟ ପରୀକ୍ଷା; ଅଧିକ ଚିକିତ୍ସା ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ପ୍ରେରଣ; ଶିଶୁର ଓଜନ ତଦାରଖ; ନବଜାତ ଶିଶୁର ଖାଦ୍ୟପେୟ ବିଷୟରେ ତା'ର ମା'କୁ ପରାମର୍ଶ;
- ଶିଶୁର ସ୍ତନ୍ୟପାନ ସମ୍ବନ୍ଧରେ ପରାମର୍ଶ ଓ ସାହାଯ୍ୟ;
- ଶିଶୁ ଖାଦ୍ୟ ବଜାରରେ ବିକ୍ରୟ ପାଇଁ କୌଣସି ପ୍ରୋତ୍ସାହନ ଦିଆଯିବା ଉଚିତ ନୁହେଁ;
- ସାପ୍ତାହିକ ରାସନ;
- ଅତ୍ୟଧିକ ପୁଷ୍ଟିହୀନତାର ଚିହ୍ନଟ ଓ ଚିକିତ୍ସା;

**ନିରାଶ୍ରୟ ଓ ବଂଚିତ ବର୍ଗ ଲୋକଙ୍କ ଅଧିକାର :**

ଏହି ଆଇନ ନିରାଶ୍ରୟ ଲୋକଙ୍କ ଅଧିକାରକୁ ନିଶ୍ଚିତ ଭାବେରେ ସ୍ୱୀକୃତି ଦେବା ଉଚିତ, ଯେଉଁଥିରେ ବୃଦ୍ଧ/ବୃଦ୍ଧା, ଶାରିରୀକ ଦୃଷ୍ଟିକୋଣରୁ ବିକଳାଙ୍ଗ, ଏଚ୍.ଆଇ.ଭି/ଏଡ଼ସ୍ ଦ୍ୱାରା ଆକ୍ରାନ୍ତ, ଯକ୍ଷ୍ମା କିମ୍ୱା ମଣିଷକୁ ଶକ୍ତିହୀନ କରୁଥିବା ଭଳି ଅନ୍ୟ ରୋଗଦ୍ୱାରା ଆକ୍ରାନ୍ତ, ପରିବାରର ମୁଖିଆ ଥିବା ଏକାକୀ ମହିଳା, ଭିକାରି, ଗୋତିଶ୍ରମିକ, ଆଦିମ ଆଦିବାସୀ, ଅଭାବଗ୍ରସ୍ଥ, ଗୃହହୀନ, ଅସୁରକ୍ଷିତ ରାସ୍ତାକଡ଼ର ବୁଲା ଶିଶୁ ଓ ଶିଶୁ ଶ୍ରମିକ ଇତ୍ୟାଦି ।

ଏପରି ସମସ୍ତ ଲୋକଙ୍କୁ ଅନ୍ତ୍ୟୋଦୟ କାର୍ଡ଼ ବ୍ୟବସ୍ଥା କରିବା ।

**ଅନ୍ତୋଦୟ କାର୍ଡ଼ଧାରୀଙ୍କ ପାଇଁ ଏହି ଆଇନରେ କ'ଣ ବ୍ୟବସ୍ଥା ହେବା ଉଚିତ :**

- ପ୍ରତ୍ୟେକ ଅନ୍ତ୍ୟୋଦୟ କାର୍ଡ଼ଧାରୀଙ୍କୁ ଅଧା ଦାମ୍‌ରେ ରାସନ ମିଳୁ;
- ବୃଦ୍ଧ ଓ ଅନ୍ୟ କମ୍‌ଯୋର ଲୋକଙ୍କ ପାଇଁ ରନ୍ଧନଯୁକ୍ତ ଗରମ ଖାଦ୍ୟ;
- ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ଏବଂ ମାତୃତ୍ୱ ସୁବିଧା ପାଇଁ ଦ୍ୱିଗୁଣା ସ୍ଥିରୀକୃତ ଅଂଶର ବ୍ୟବସ୍ଥା;
- ବୃଦ୍ଧାବସ୍ଥା ପେନ୍‌ସନ ମାସିକ ୧୩୦୦ଟଙ୍କା ହେଉ;
- ବିନା ମୂଲ୍ୟରେ ମାସକୁ ୧ କ୍ୱିଣ୍ଟାଲ ଖାଦ୍ୟଶସ୍ୟ ୬ମାସ ପାଇଁ ଯୋଗାଇ(ଦୂରବସ୍ଥା ଆବିଷ୍କାର ପରେ) ଦିଆଯାଉ;
- ଅନ୍ୟ ସ୍ୱତନ୍ତ୍ର ଯୋଜନା ଯଥା ଗୋଷ୍ଠୀ ରୋଷେଇଶାଳା କିମ୍ୱା ରାସ୍ତାକଡ଼ର ବୁଲା ପିଲାମାନଙ୍କ ପାଇଁ ଆବାସିକ ବିଦ୍ୟାଳୟର ବ୍ୟବସ୍ଥା;

**ଅନ୍ୟ ବିଶେଷ ବର୍ଗ ଲୋକଙ୍କ ପାଇଁ ଏହି ଆଇନରେ କ'ଣ ବ୍ୟବସ୍ଥା ହେବା ଉଚିତ :**

- ଦାଦନ ଶ୍ରମିକ, ସହରାଞ୍ଚଳରେ ବସବାସ କରୁଥିବା ଗୃହହୀନ ପରିବାର ଓ ବସ୍ତି ବାସିନ୍ଦାଙ୍କୁ ସ୍ୱତନ୍ତ୍ର ବର୍ଗରେ ସାମିଲ କରି ସେମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଉ;
- ଦୁର୍ଦ୍ଦଶାଗ୍ରସ୍ତ ପୀଡ଼ିତଙ୍କୁ ଅନ୍ତ୍ୟୋଦୟ କାର୍ଡ଼ ଏବଂ ତୁରନ୍ତ ଦ୍ୱିଗୁଣା ହକ୍ ଦିଆଯାଉ;
- ବୟୋବୃଦ୍ଧ, ଏକାକୀ ମହିଳା ଓ ଭିନ୍ନକ୍ଷମଙ୍କୁ ମାସିକ ୧୩୦୦ଟଙ୍କା ଭତ୍ତା ଦିଆଯାଉ;
- ଦିନବେଳେ ଶିଶୁମାନଙ୍କୁ ରଖି ଦେଖାଶୁଣା କରିବା ଗୃହ (କ୍ରେଚ୍) ସମେତ ମାସକୁ ୧୦୦୦ଟଙ୍କା ହିସାବରେ ୬ମାସ ପାଇଁ ପ୍ରସୂତୀ ମା'ମାନଙ୍କୁ ମାତୃତ୍ୱ ସୁବିଧା ଦିଆଯାଉ;

**ଫୁଡ୍ କୁପନ୍ କିମ୍ୱା ଖାଦ୍ୟଶସ୍ୟ ବଦଳରେ ନଗଦ ଟଙ୍କା :**

ଖାଦ୍ୟ ଅଧିକାର ଅଭିଯାନ ନଗଦ ଟଙ୍କା ହସ୍ତାନ୍ତରକୁ ପ୍ରତ୍ୟାଖାନ କରୁଛି କାରଣ ଏହା ଜାଣେ ଯେ ନଗଦ ଟଙ୍କା କେବେହେଲେ ଖାଦ୍ୟଶସ୍ୟର ସ୍ଥାନ ନେଇପାରିବନାହିଁ ।

- ଖାଦ୍ୟଶସ୍ୟର ଦର ଲଗାତାର ବଢ଼ି ଚାଲିଛି, ସରକାର ଦର ସଂଶୋଧନ କରିବା ପୂର୍ବରୁ ଦିଆଯାଉଥିବା ଅର୍ଥ ତତ୍‌କାଳୀନ ଖାଦ୍ୟଶସ୍ୟର ବଜାର ଦରଠାରୁ ଏହା ବହୁତ କମ୍ ହେବ;
- ମିଳୁଥିବା ନଗଦ ଟଙ୍କା, ପରିବାରର ମୁଖିଆଙ୍କ ଦ୍ୱାରା ଖାଦ୍ୟଶସ୍ୟ କିଣିବା ବଦଳରେ ମଦ୍ୟପାନ, ଜୁଆ କିମ୍ୱା ଅନ୍ୟ ଅଦରକାରୀ ଖାଉଟି ସାମଗ୍ରୀ କିଣିବାରେ ଖର୍ଚ୍ଚ ହୋଇପାରେ;
- ସାଧାରଣ ବଣ୍ଟନ ବ୍ୟବସ୍ଥା ଦୁଇ ପ୍ରକାରର କାମ କରେ, ଗୋଟିଏ ପଟରେ କୃଷକମାନଙ୍କ ପାଖରୁ ଖାଦ୍ୟଶସ୍ୟ ସଂଗ୍ରହ କରେ ଏବଂ ଅନ୍ୟପଟରେ ଏହାକୁ ବିତରଣ କରେ । ସର୍ବନିମ୍ନ ସହାୟକମୂଲ୍ୟରେ ଖାଦ୍ୟଶସ୍ୟ ସଂଗ୍ରହର ଅର୍ଥ ଏହା କୃଷକମାନଙ୍କୁ

ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରେ। କିନ୍ତୁ, ଏହି ସ୍ଥାନରେ ନଗଦ ଟଙ୍କାର ବ୍ୟବସ୍ଥା କଲେ, ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହନ କମିଯିବ, ତେଣୁ ଆମ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ;

**ମହିଳାଙ୍କ ନାମରେ ରାସନ କାର୍ଡ଼:**

ପରିବାରର ମହିଳାଙ୍କ ନାମରେ ରାସନ କାର୍ଡ଼ ଇସ୍ୟୁ ହେବାକୁ ଆମେ ଚାହୁଁ, ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ମଧ୍ୟ ଏଥିରେ ସହମତ ହୋଇଛି।

**ଦୁର୍ନୀତି ଓ ଚୋରି ସମସ୍ୟା:**

- ଏକ ଉତ୍ତମ ବିକେନ୍ଦ୍ରୀକୃତ ସମାଧାନ ବ୍ୟବସ୍ଥା ସ୍ଥାପନ କରାଯାଉ, ଯେଉଁଥିରେ ସମସ୍ତ ପ୍ରକାର ଅପରାଧକୁ ଧର୍ତ୍ତବ୍ୟ ଓ ଜାମିନ ବିହୀନ ଅପରାଧ ବୋଲି ବିବେଚନା କରାଯିବ;
- ଅପରାଧିକ ମାମଲା ବିବେଚନା କରାଗଲେ ଅପରାଧକର୍ତ୍ତାଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଓ ଜୋରିମାନା ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ପୀଡ଼ିତଙ୍କ ପାଇଁ କ୍ଷତିପୂରଣର ବ୍ୟବସ୍ଥା କରାଯିବ;
- ଚୋରି ରୋକିବା ପାଇଁ ସ୍ୱଚ୍ଛତା ଉପାୟ ଅବଲମ୍ବନ ଓ ଲୋକମାନଙ୍କର ସତର୍କତା ଆବଶ୍ୟକ;

**ସକାରାତ୍ମକ କାର୍ଯ୍ୟାନୁଷ୍ଠାନ:**

ରୋଷେଇ ଏବଂ ସହାୟିକା ଭାବେ ଦଳିତ, ଆଦିବାସୀ ଓ ସଂଖ୍ୟା ଲଘୁ ବର୍ଗ ପାଇଁ ଅତି କମ୍‌ରେ ୫୦% ସ୍ଥାନ ସଂରକ୍ଷଣ ହେବା ଉଚିତ।

ଦଳିତ, ଆଦିବାସୀ ଓ ସଂଖ୍ୟା ଲଘୁ ଗୋଷ୍ଠୀଙ୍କ ପଡ଼ା ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ଓ ସରକାରୀ ଖାଉଟି ଖୁଚୁରା ଦୋକାନ ସ୍ଥାପନ ନିମନ୍ତେ ପ୍ରାଥମିକତା ନିଶ୍ଚିତ ଭାବରେ ଦିଆଯିବା ଉଚିତ।

**କଂଗ୍ରେସ ଦଳର ୨୦୦୯ ନିର୍ବାଚନୀ ଇସ୍ତାହାର:**

ଭାରତର ଜାତୀୟ କଂଗ୍ରେସ ଦଳ ଏକ ଖାଦ୍ୟ ଅଧିକାର ଆଇନ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାଦ୍ୱାରା ସମସ୍ତ ଜନସାଧାରଣ ବିଶେଷକରି ବଞ୍ଚିତ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ଉପଲବ୍ଧ କରାଇବାର ଗାରେଣ୍ଟି ଦେଇଛି।

- ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପ୍ରତ୍ୟେକ ପରିବାର ମାସକୁ ୨୫ କି.ଗ୍ରା. ଖାଦ୍ୟଶସ୍ୟ ୩ଟଙ୍କା ଦରରେ ପାଇବାକୁ ହକ୍‌ଦାର ହେବେ;
- ଗୃହହୀନ ଓ ଦାଦନ ଶ୍ରମିକଙ୍କ ପାଇଁ ଗୋଷ୍ଠୀ ରୋଷେଇ ଘର;
- ବିଶେଷକରି କମ୍‌ଯୋର ବର୍ଗ ଯଥା ଏକାକୀ ମହିଳା ମୁଖିଆ ଥିବା ପରିବାର, ଭିନ୍ନକ୍ଷମ ଓ ବୟୋବୃଦ୍ଧ, ସହରାଞ୍ଚଳରେ ବସବାସ କରୁଥିବା ଗୃହହୀନ ପରିବାର, ଗୋତି ଶ୍ରମିକରୁ ମୁକ୍ତି ପାଇଥିବା ପରିବାର, ଆଦିମ ଆଦିବାସୀ ଗୋଷ୍ଠୀ ଏବଂ ମହାଦଳିତ ଗୋଷ୍ଠୀଙ୍କ ପାଇଁ ସାମାଜିକ ନିରାପତ୍ତା ସୁନିର୍ଶ୍ଚିତ କରାଯିବ;
- ପର୍ଯ୍ୟାବରଣ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଅଞ୍ଚଳରେ କୃଷକମାନଙ୍କ ଆୟ ପାଇଁ ସିଧାସଳଖ ସହାୟତା ପ୍ରଦାନ;
- କୃଷି କର୍ମ କିପରି ଲାଭଦାୟକ ହୋଇପାରିବ, ତାହାକୁ ସୁନିର୍ଶ୍ଚିତ କରାଯିବ;
- ସର୍ବନିମ୍ନ ସହାୟକ ମୂଲ୍ୟ ବିନିମୟରେ ସିଧାସଳଖ କୃଷକ ଠାରୁ ଖାଦ୍ୟଶସ୍ୟ ସଂଗ୍ରହ;
- ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାକୁ ସାର୍ବଜନୀନ କରାଯିବ। ଯେଉଁଥିରେ ୬ବର୍ଷ ବୟସରୁ କମ୍ ସମସ୍ତ ଶିଶୁମାନଙ୍କ ପାଇଁ ଖାଦ୍ୟ, ପୁଷ୍ଟି ଓ ସ୍ୱାସ୍ଥ୍ୟ ସେବାର ସମସ୍ତ ପ୍ରକାର ବନ୍ଦୋବସ୍ତ ହେବ;

## ସଂକ୍ଷେପରେ ଆମର ଦାବି

- **ଏ.ପି.ଏଲ୍./ବି.ପି.ଏଲ୍. ଉଚ୍ଛେଦ କର ଏବଂ ସମସ୍ତଙ୍କ ପାଇଁ ରିହାତି ଦରରେ ଖାଦ୍ୟଶସ୍ୟ ବ୍ୟବସ୍ଥା କରାଯାଉ;**
- **ମୁଣ୍ଡ ପିଛା ମାସିକ ହକ୍ ୧୪ କି.ଗ୍ରା. ଚାଉଳ, ୧.୫ କି.ଗ୍ରା. ଡ଼ାଲି ଏବଂ ୮୦୦ ଗ୍ରାମ ତେଲ ବ୍ୟବସ୍ଥା କରି ପୁଷ୍ଟି ନିରାପତ୍ତାକୁ ବଜାୟ ରଖାଯାଉ;**
- **ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଖାଦ୍ୟଶସ୍ୟ ସଂଗ୍ରହକୁ ବ୍ୟାପକ କରାଯାଉ ଏବଂ ଏହାକୁ କୃଷିର ଜୀବନଶକ୍ତି ଭାବେ ବ୍ୟବହାର କରାଯାଉ;**
- **ସ୍ଥାନୀୟ ଭାବେ ଖାଦ୍ୟଶସ୍ୟ ସଂଗ୍ରହ ଓ ବଣ୍ଟନ ସହିତ ଏହାକୁ ବିକେନ୍ଦ୍ରୀକରଣ କରାଯାଉ;**
- **ଶିଶୁମାନଙ୍କ ଖାଦ୍ୟ ଅଧିକାରକୁ ସୁନିର୍ଶ୍ଚିତ କରାଯାଉ;**
- **ବଞ୍ଚିତ ଏବଂ ବହିଷ୍କୃତ ବର୍ଗଙ୍କ ପାଇଁ ବିଶେଷ ଅଧିକାରର ବ୍ୟବସ୍ଥା କରାଯାଉ;**
- **ଖାଦ୍ୟଶସ୍ୟ ବଦଳରେ ହିତାଧିକାରୀମାନଙ୍କୁ ନଗଦ ଟଙ୍କା ଦେବା ଭଳି ପ୍ରସ୍ତାବକୁ ରଦ୍ଦ କରାଯାଉ;**
- **ମହିଳାଙ୍କ ନାମରେ ରାସନ କାର୍ଡ଼ ଦିଆଯାଉ;**
- **ଫଳପ୍ରଦ ଅଭିଯୋଗ ଶୁଣାଣିରେ ଦଣ୍ଡବିଧାନ, ଜୋରିମାନା ଏବଂ କ୍ଷତିପୂରଣ ବ୍ୟବସ୍ଥା କରାଯାଉ;**
- **ଦଳିତ, ଆଦିବାସୀ ଏବଂ ଅନ୍ୟ ବଞ୍ଚିତ ବର୍ଗ ଗୋଷ୍ଠୀଙ୍କ ପାଇଁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ;**

**ପ୍ରାପ୍ତି ସ୍ୱୀକାର:**

ଖାଦ୍ୟ ଅଧିକାର ଅଭିଯାନ ସଚିବାଳୟର ପ୍ରକାଶକ ବିଭିନ୍ନ ପ୍ରକ୍ରିୟାରେ ମିଳୁଥିବା ମତାମତକୁ ଗ୍ରହଣ କରେ ଯାହା କି ଅଭିଯାନ ଦ୍ୱାରା ପର୍ଯ୍ୟାୟ କ୍ରମେ ହେଉଥିବା ପରାମର୍ଶ ସଭା, ର୍‌ୟାଲି, ଧାରଣା ଓ ସଭାରୁ ଆସିଥାଏ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ଓ ଏହା ବାହାରେ ଆଲୋଚନା ହୁଏ ।

**ଖାଦ୍ୟ ଅଧିକାର ଅଭିଯାନ:**

ଖାଦ୍ୟ ଅଧିକାର ଅଭିଯାନ ବିଭିନ୍ନ ସଂସ୍ଥା ତଥା ବ୍ୟକ୍ତି ବିଶେଷଙ୍କ ଏକ ବିଧିଶୂନ୍ୟ ବ୍ୟବସ୍ଥା ଅଟେ ଯାହା ଭାରତରେ ଖାଦ୍ୟ ଅଧିକାରକୁ ହୃଦୟଙ୍ଗମ କରିବାରେ ପ୍ରତିଶ୍ରୁତିବଦ୍ଧ । ଆମେ ବିଚାର କରୁ ଯେ ପ୍ରତ୍ୟେକ ବ୍ୟକ୍ତି କ୍ଷୁଧା ଓ କୁପୋଷଣରୁ ବଞ୍ଚିତ ହେବା ଏକ ମୌଳିକ ଅଧିକାରର ଉଲ୍ଲଙ୍ଘନ ଅଟେ ।ଏହି ଅଧିକାରକୁ ହୃଦବୋଧ କଲେ ଜଣାପଡେ ଯେ କେବଳ ଉପଯୁକ୍ତ ଖାଦ୍ୟପଦ୍ଧତିକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଜୀବନ ଜୀବିକାର ନିରାପତ୍ତା ଯେପରିକି କାମ କରିବାର ଅଧିକାର, ଭୂ-ସଂସ୍କାର ଓ ସାମାଜିକ ସୁରକ୍ଷା ମଧ୍ୟ ଜରୁରି ଅଟେ । ଆମେ ବିଚାରକୁ ନେଉ ଯେ ରାଜ୍ୟର ପ୍ରାଥମିକ ଦାୟିତ୍ୱ ହେଉଛି ଏହି ଅଧିକାରକୁ ନିର୍ଶ୍ଚିତ କରାଇବା । ଆର୍ଥିକ ସ୍ରୋତର ଅଭାବ ଦେଖାଇ ଏହି ଦାୟିତ୍ୱରୁ ଓହରି ଯିବା କ୍ଷମଣୀୟ ନୁହେଁ । ବର୍ତ୍ତମାନର ପରିପ୍ରେକ୍ଷୀରେ ଯେଉଁଠି ଲୋକଙ୍କ ମୌଳିକ ଆବଶ୍ୟକତା ରାଜନୈତିକ ଅଗ୍ରାଧିକାର ନୁହେଁ ସେଇଠି ରାଜ୍ୟର ହସ୍ତକ୍ଷେପ କାର୍ଯ୍ୟକାରୀ ଜନପ୍ରିୟ ସଂସ୍ଥା ଉପରେ ନିର୍ଭର କରେ । ଆମେ ଗଣତାନ୍ତ୍ରିକ ମାଧ୍ୟମରେ ଏହି ପ୍ରକ୍ରିୟାକୁ ବୃଦ୍ଧି କରାଉବାକୁ ଅଙ୍ଗୀକାରବଦ୍ଧ ।

**ନିମ୍ନରେ ପ୍ରଦତ୍ତ ସମସ୍ତେ ଖାଦ୍ୟ ଅଧିକାର ଅଭିଯାନର ଷ୍ଟିଅରିଂ କମିଟି ସଦସ୍ୟ ଅଟନ୍ତି ।**

1. National Federation of Indian Women(NFIW)
2. Human Rights Law Network(HRLN)
3. People’s Union for Civil Liberty(PUCL)

4. National Alliance of People’s Movement(NAPM)
5. Jan Swasthya Abhiyaan(JSA)
6. National Campaign for people’s Right to Information(NCPRI)
7. Bharatiya Gyan Bigyan Samiti(BGVS)
8. National Campaign Committee for Unorganised Sector Workers (NCC-USW)
9. National Campaign for Dalit Human Rights(NCDHR)
10. National Confederation of Dalit Organisations(NACDOR)
11. New Trade Union Initiative(NTUI)
12. Former “Support Group” of the Right to Food Campaign
13. Breast feeding Promotion Network of India(BPNI)